ଆଦିଶକ୍ତି। ପିତା ଅରୂପାନନ୍ଦ, ବଂଶର ପ୍ରତୀକ ଖଡ଼ି, ତେଣୁ ବଂଶର ନାମ କ୍ଷିତିବଂଶ ବା ଖଡ଼ିବଂଶ।[୧୦] ବଂଶ ପରମ୍ପରାର ଅନୁକ୍ରମ ଏହିପରି: ଅରୂପାନନ୍ଦ, ନିରାନନ୍ଦ, ଜ୍ୟୋତିରାନନ୍ଦ, ବ୍ରହ୍ମାନନ୍ଦ, ଦିବ୍ୟାନନ୍ଦ, ପରମାନନ୍ଦ, ବାସୁଦେବାନନ୍ଦ, ହାଡ଼ିବନ୍ଧୁ, ନାରାୟଣ ଓ ଦେବୀ ଦାସ। ହାଡ଼ିବନ୍ଧୁ ଅଚ୍ୟୁତାନନ୍ଦଙ୍କ ଶିଷ୍ୟ। ସେ ବିଭିନ୍ନ ସ୍ଥାନରେ ମଠ ପ୍ରତିଷ୍ଠା କରିଛନ୍ତି ଏବଂ ଏକଥା ବି କହିଛନ୍ତି - ଦେବୀ ଦାସଙ୍କ କାଳରୁ ମାଟିବଂଶର ସଙ୍କରାୟନ ଆରମ୍ଭ । ମାଟିବଂଶର ବ୍ୟକ୍ତିତ୍ୱମାନେ ଛତିଶପାଟକ ଉପରେ ନିଜର ଶ୍ରେଷ୍ଠତ୍ୱ ପ୍ରତିଷ୍ଠା କରିଛନ୍ତି। ଏହା ବ୍ରାହ୍ମଣମାନଙ୍କୁ ଆହତ କରିଛି । ସେମାନେ ଚକ୍ରାନ୍ତ କରିଛନ୍ତି, ମାଟିବଂଶକୁ ଦୂଷିତ କରିବେ। ଦେବୀ ଦାସ ଚକ୍ରାନ୍ତର ଶିକାର ହୋଇଛନ୍ତି। ତନ୍ତ୍ରବିଦ୍ୟାବଶ ହୋଇଛନ୍ତି। ଅନ୍ୟ ଜାତିର ନାରୀ ସମ୍ଭୋଗ କରିଛନ୍ତି। ଫଳତଃ କ୍ଷିତିବଂଶ ବହୁ ଭାଗରେ ବିଭକ୍ତ ହୋଇଛି ।[୧୧]

କ୍ଷିତିବଂଶର ସୃଷ୍ଟି ସମ୍ପର୍କରେ ଅନ୍ୟ ଏକ ମିଥ୍ ରହିଛି। ତାହା - ଜ୍ଞାନଦାତ୍ରୀ ଶକ୍ତି ଆପଣାର ସନ୍ତାନମାନଙ୍କୁ ଗତି ଦେବାପାଇଁ ଇଚ୍ଛା କରିଛନ୍ତି। ମାଟିକୁ ଆପଣା ରଜରେ ସିକ୍ତ କରି ପିତୁଳାଟିଏ ଗଢ଼ିଛନ୍ତି। ନିରାକାର ମନ୍ତ୍ରରେ ପିତୁଳାକୁ ଜୀବନ୍ତ କରିଛନ୍ତି । ଏହି ପିତୁଳାର ନାମ ରଖିଛନ୍ତି ଉପାଧ୍ୟାୟ। ସେ ସୃଷ୍ଟିର ପ୍ରଥମ ବିଦ୍ୟାଦାତା। ଏପରିକି, ବ୍ରହ୍ମା, ବିଷ୍ଣୁ ଓ ଶିବ - ତ୍ରିଶକ୍ତିକୁ ଜ୍ଞାନ ପ୍ରଦାନ କରିଛନ୍ତି।[୧୨] ତେଣୁ ବିଦ୍ୟାରମ୍ଭ କାଳରେ ଚାଟମାନେ ବ୍ରହ୍ମା, ବିଷ୍ଣୁ ଓ ଶିବଙ୍କ ନାମ ଉଚ୍ଚାରଣ କରି ତିନୋଟି ମୁଣ୍ଡୁଳା କାଟନ୍ତି। ମୁଣ୍ଡୁଳାକୁ ଲିଭାନ୍ତି, ଧୂଳିକୁ ମଥାରେ ମାରନ୍ତି। ଜଉତିଷ / ଗ୍ରହବିପ୍ରମାନେ ମାଟିବଂଶର ଏକ ଶାଖା। ବ୍ରହ୍ମାଙ୍କ ମୁଖରୁ ସେମାନଙ୍କର ଜନ୍ମ। ସେମାନେ ଜ୍ୟୋତିର୍ବିଦ୍ୟା ଓ ବାସ୍ତୁବିଦ୍ୟା ବିଶେଷଜ୍ଞ। ମାତ୍ର ଚାଟଶାଳୀରେ ଶିକ୍ଷକତା ବି କରନ୍ତି। ଉପର୍ଯ୍ୟୁକ୍ତ ଦୁଇଟି ବିଦ୍ୟା ସେମାନଙ୍କ ଉପାର୍ଜନକୁ ସୁଗମ କରିଛି। ଫଳତଃ ଶିକ୍ଷକତା ଗୌଣ ହୋଇଛି। ଦେବୀ ଦାସ, ବିକ୍ରମ ଓ ଅନ୍ୟ ଓଝାମାନେ ଅବଧାନମାନଙ୍କର ଲୋଭାସକ୍ତିକୁ ସ୍ୱୀକାର କରିପାରିନାହାନ୍ତି । ଦେବୀ ନିଜର ଏକ ଗୀତରେ କହିଛନ୍ତି - ଆମେ ଧୋବା, ଭଣ୍ଡାରି, କମାର ଓ କୁମ୍ଭାର ପରି ନୋହୁଁ ଯେ, କାହାର ବର୍ତ୍ତନ ଉପରେ ନିର୍ଭରଶୀଳ ହେବୁ। ଯଦିଚ ସେମାନେ ମାଟିବଂଶ, ଆମେ ଶିକ୍ଷାଗୁରୁ। ଆମେ ଭିକ ମାଗିବା ଜାଣିନାହୁଁ। ସେ ପୁଣି କହୁଛନ୍ତି - ଗଣିତ ପାଠ ଏତେ ସହଜ ନୁହେଁ, କଷ୍ଟକର। ସୂତ୍ର ଜାଣିନଥିଲେ, କୋମଳମତି ଚାଟମାନଙ୍କ ମଧ୍ୟରେ ପ୍ରଶ୍ନର ସମାଧାନ ସମ୍ଭବ ହେବ ନାହିଁ। ଗଣିତ ବୁଝିପାରୁନଥିଲେ ଅନ୍ୟକୁ ପଚାର, ଭୁଲ୍ ପଢ଼ାଅ ନାହିଁ। ବିଦ୍ୟା ସାଧି ନ ପାରିବା, ମୁହଁରେ ଚୂନକାଳି ମାରିବା ସହ ସମାନ। ସମସ୍ୟା ସମାଧାନ କରିନପାରିଲେ, ଛାତିରେ ଜଳାକାଠ ମାଡ଼ି ଦିଆଯିବ। (ଗଣିତପୋଥି ନମ୍ବର ୧୦୦) ଲମ୍ବୋଦର ନାମକ ଅନ୍ୟ ଜଣେ ଓଝା **ଓଝାସଙ୍ଖାଳି** ଶୀର୍ଷକ ପୋଥି ଲେଖିଛନ୍ତି। ସେ କହୁଛନ୍ତି - ନଳମାପ ବୁଦ୍ଧିର କଥା। ବର୍ଗ ହିସାବ ତା'ଠାରୁ କଷ୍ଟ। ପଦାର୍ଥର ଘନଫଳ ନିର୍ଣ୍ଣୟ ଅତି କଠିନ। ଏହି ବିଦ୍ୟା ଖଡ଼ିକାରର ଦର୍ପକୁ ଭାଙ୍ଗିଦିଏ ଏବଂ **ନାଗହରଣ ବିଦ୍ୟା** ସାଧି ପାରିଲେ, ଜଣେ ଗଣିତଜ୍ଞ ହୋଇପାରିବ। (ଗଣିତ ପୋଥି ନମ୍ବର ୧୭୦) ବିକ୍ରମ ବର୍ଗକୋଟା ହିସାବ ବିଶେଷଜ୍ଞ। ଆପଣାର ଏକ ଗ୍ରନ୍ଥରେ, ଛତିଶ ବର୍ଗକୋଟା ସମାଧାନ କାଳରେ, ଅନ୍ୟ ଗଣିତଜ୍ଞମାନଙ୍କୁ ସୂତ୍ର-ସଚେତନ ହେବାପାଇଁ ସେ ପରାମର୍ଶ ଦେଇଛନ୍ତି। (ଗଣିତ ପୋଥି ନମ୍ବର ୬୩) ଦେବୀ, ଧରଣୀଧର, ଲୋକନାଥ, କୃପାସିନ୍ଧୁ, ଅଧର ଓ ବୃନ୍ଦାବନ ଆଦି ଖଡ଼ିକାରଙ୍କ ଗଣିତଗ୍ରନ୍ଥ ପଢ଼ିଲେ, ସେମାନେ ଯେ ଜଣେ ଜଣେ ସାଧକ, ଏହି ବାସ୍ତବତାକୁ ଅନୁଭବ କରିହୁଏ। ଦେବୀ ଦାସ ସେଥିପାଇଁ ଗଣିତବିଦ୍ୟାକୁ ଉଡ଼ନ୍ତା ସାପ ସହ ତୁଳନା କରିଛନ୍ତି। ଏ ବିଦ୍ୟା ଗଗନରେ ଉଡ଼ୁଛି। ତାକୁ ମାଟିକୁ ଆଣିବାକୁ ହେବ। ମନ୍ତ୍ର ଜାଣିନଥିଲେ ସର୍ପକୁ ଆୟତ୍ତ କରିହେବ ନାହିଁ। ମାଟିବଂଶର ଦାୟଦମାନେ ତେଣୁ ସ୍ୱତନ୍ତ୍ର। (ଗଣିତ ପୋଥି ନମ୍ବର ୧୦୪, ୧୦୭)

ପୂର୍ବରୁ କହିଛି - ଓଝା ଓ ଅବଧାନମାନଙ୍କ ପରି କରଣମାନେ ମଧ୍ୟ ମଧ୍ୟକାଳରେ ଚାଟଶାଳୀରେ ଶିକ୍ଷକତା କରିଛନ୍ତି। କେବଳ ଓଡ଼ିଶା ନୁହେଁ, ବଙ୍ଗ, ଆସାମ, ଆନ୍ଧ୍ର, କର୍ଣ୍ଣାଟକ ଓ ତାମିଲନାଡୁ ଆଦି ପୂର୍ବ-ଦକ୍ଷିଣ ଭାରତର ଦେଶଗୁଡ଼ିକରେ ସମାଜ-ଜୀବନରେ ସେମାନେ ସ୍ୱତନ୍ତ୍ର ଦିଶିଛନ୍ତି। ବଙ୍ଗଭୂମିରେ ସେମାନେ କାୟସ୍ଥ ଏବଂ ଅନ୍ୟତ୍ର କରଣ। ଊନବିଂଶ ଏବଂ ବିଂଶ ଶତାବ୍ଦୀରେ ଅନ୍ୟ ପାଟକ ଓ ଜାତିଗୁଡ଼ିକ ପରି, କରଣ ନାମରେ ପରିଚିତ ଜନସମୁଦାୟ ନିଜର ପରିଚୟ ଖୋଜିଛନ୍ତି, ପ୍ରତିଷ୍ଠା କରିଛନ୍ତି। ନିଜ ଜାତିକୁ ବିଶିଷ୍ଟ କହୁଛନ୍ତି। କୁହାଯାଇଛି, ଏହା ଏକ ମିଶ୍ର ଜାତି। ବୈଶ୍ୟ ଔରସ ଏବଂ ଶୂଦ୍ରାଣୀ ଗର୍ଭ-ସମ୍ଭୂତା।[୧୩] ଦେବୀ ଦାସ ଜଣେ ଓଝା, କିନ୍ତୁ ଅନ୍ୟ କଥା କହୁଛନ୍ତି - ବ୍ରହ୍ମା ପୃଥିବୀ ସର୍ଜନା କରିଛନ୍ତି। ସେ ମହାକାଳର ମହତ୍ତ୍ୱ ଅନୁଭବ କରିଛନ୍ତି ଏବଂ କାଳର କରଣିକୁ କିପରି ପଞ୍ଜୀକୃତ କରାଯାଇପାରିବ - ଏହି ଭାବନାରେ ବୁଡ଼ି ରହିଛନ୍ତି। ସେ ତାଳପତ୍ର ଆଣିଛନ୍ତି। ଏହା କାଳର ପତ୍ର। ଲେଖନି ତିଆରି କରିଛନ୍ତି। ଅଙ୍ଗରୁ ସୃଷ୍ଟି କରିଛନ୍ତି ଜଣେ ସ୍ୱତନ୍ତ୍ର ପୁରୁଷ। ସେ କରଣ। ତାଙ୍କ ହାତରେ ଲେଖନୀ ଧରାଇ ଦେଇଛନ୍ତି। ଅଙ୍କ ଓ ଅକ୍ଷର ସଂପାଦିବାର ସୂତ୍ର କହିଛନ୍ତି । କହିଛନ୍ତି, ପ୍ରଥମେ ସାରଦାଙ୍କୁ ସ୍ମରଣ କରିବୁ। ମୁଦ୍ରାରେ ରଖିବୁ ମାହେଶ୍ୱରୀ ଏବଂ ଗଣେଶ ନାମ ନେଇ ପତ୍ରରେ ଲେଖନୀ ଛୁଆଁଇବୁ । ଚିତ୍ରଗୁପ୍ତଙ୍କୁ ସୁମରଣା କରିବୁ। ସେ ହେଉଛନ୍ତି - କାଳର ପ୍ରମାଦମୁକ୍ତ ଅକ୍ଷରାୟନର ଦୈବୀଶକ୍ତି, କାଳାନ୍ତକ ପୁରୁଷଙ୍କର ପାଞ୍ଜିକାର, ସତ୍ୟଦ୍ରଷ୍ଟା। (ଗଣିତ ପୋଥି ନମ୍ବର ୧୫୪) ଜଣେ ଓଝା କରଣନାମକ ଅନ୍ୟ ଏକ ସଂପ୍ରଦାୟକୁ ସମ୍ମାନ ଦେବା ଓ ସ୍ୱୀକାର କରିବା ଆମ ସମାଜ ବ୍ୟବସ୍ଥାରେ ଶିକ୍ଷକ ସମୁଦାୟ ମଧ୍ୟରେ ସମ୍ପର୍କବୋଧକୁ ସ୍ପଷ୍ଟ କରିଦିଏ।

ଏଥିରୁ ସ୍ପଷ୍ଟ ଯେ ପ୍ରାୟ ପଞ୍ଚଦଶ/ଷୋଡ଼ଶ ଶତାବ୍ଦୀ ବେଳକୁ ଆମ ସମାଜ ବ୍ୟବସ୍ଥାରେ ଏକ ପ୍ରଶିକ୍ଷିତ ଲିପିକାର, ଲେଖନକାର ଗୋଷ୍ଠୀ ଜନ୍ମ ନେଇଛି। ସେମାନେ ଶ୍ରୁତିର ସ୍ମୃତୀକରଣ ମାଧ୍ୟମ ହୋଇଛନ୍ତି। ରାଜା, ସାମନ୍ତ ଓ ଦେବାଳୟଗୁଡ଼ିକର ହିସାବରକ୍ଷକ, ବିଧିଲେଖକର ଭୂମିକା ତୁଲାଇଛନ୍ତି। ଏହି ସ୍ୱାତନ୍ତ୍ର୍ୟ ସେମାନଙ୍କୁ କ୍ଷମତାର ନିକଟତର କରିଛି। କାଳକ୍ରମେ ସେମାନେ ବ୍ରାହ୍ମଣମାନଙ୍କ ପରି ବିଭିନ୍ନ ଗ୍ରନ୍ଥର ପ୍ରତିଲିପି ପ୍ରସ୍ତୁତ କରିଛନ୍ତି। ପ୍ରତିଲିପି ସ୍ଥାନୀୟ ଜ୍ଞାନର ସୁରକ୍ଷା ଓ ପ୍ରସାରଣର କାରଣ ହୋଇଛି। ଲିଖନ କାଳରେ କ୍ଷମତାର ସନ୍ତୁଷ୍ଟିପାଇଁ ପ୍ରଶସ୍ତିଗାନ କରିଛନ୍ତି। ରାଜ - ଆନୁଗତ୍ୟ ସେମାନଙ୍କୁ ଶାସନ ପରିଷଦର ସଦସ୍ୟ ଏବଂ ପରବର୍ତ୍ତୀ କାଳରେ ଅମାତ୍ୟ ହେବାର ସୌଭାଗ୍ୟ ଦେଇଛି। ପ୍ରଧାନ ଅମାତ୍ୟ, ପ୍ରଧାନ ପରାମର୍ଶଦାତା ହୋଇଛନ୍ତି। ବହୁ ଭାଷା ଓ ବହୁ ଶାସ୍ତ୍ର - ସ୍ନାତ ହୋଇଛନ୍ତି ଓ କବି ହୋଇଛନ୍ତି। ଦାର୍ଶନିକ ବି। ସେମାନେ ଶେଷକୁ ରାଜାଙ୍କ ପ୍ରଥମ ପରାମର୍ଶଦାତା ବ୍ରାହ୍ମଣମାନଙ୍କୁ ମଧ୍ୟ, ସ୍ଥଳ ବିଶେଷରେ, ଆସନଚ୍ୟୁତ କରିଛନ୍ତି। କେତେକ କରଣ ରାଷ୍ଟ୍ରର କ୍ଷମତା ଖଟୁଲିରେ ମଧ୍ୟ ବିଜେ କରିଛନ୍ତି। ମୋଗଲ ଦରବାରରେ ସେମାନେ ମୁନ୍ସି, ମହାରାଷ୍ଟ୍ରରେ ବାଖର, ବଙ୍ଗଳାରେ କାୟସ୍ଥ, ଆସାମରେ ଓଝା (ବୁରୁଞ୍ଜିର ଲେଖକ, ଅନ୍ୟତ୍ର ସେମାନଙ୍କୁ ବ୍ରାହ୍ମଣ କୁହାଯାଇଛି), ତେଲୁଗୁ, କନ୍ନଡ଼ ଓ ତାମିଲଭାଷୀ ଅଞ୍ଚଳରେ କରଣମ୍ ଏବଂ ଓଡ଼ିଶାରେ କରଣ (ମାଦଳା ପାଞ୍ଜିର ଲେଖକ ତଢ଼ଉ କରଣ, ଦେଉଳ କରଣ)।[୧୪] ତେଣୁ କ୍ଷମତାର ଇତିହାସ, ଭାଷା ସାହିତ୍ୟର ଇତିହାସ, ଦର୍ଶନ ଓ ବିଧିର ଇତିହାସ ଲିଖନ ଓ ଚର୍ଚ୍ଚା ଏବଂ ଗ୍ରନ୍ଥର ପ୍ରତିଲିପି ପ୍ରସ୍ତୁତିରେ ସେମାନଙ୍କ ବିଶେଷତାକୁ ସମାଜ ସ୍ୱୀକାର କରିଛି। ପୁନଶ୍ଚ ଯେଉଁମାନେ ଅନ୍ୟମାନଙ୍କ ମଧ୍ୟରେ ସୁଚତୁର ଥିଲେ, ସେମାନେ ନିଜକୁ ବ୍ରାତ୍ୟ-କ୍ଷତ୍ରିୟ ବୋଲି ଦାବି କରିଛନ୍ତି। ଲୋକେ କହିଛନ୍ତି, ମହାନ୍ତି ଓ ମହାନଦୀକୁ ବିଶ୍ୱାସ ନାହିଁ। ବଢ଼ିବଢ଼ି ମହାନ୍ତି, ଛିଡ଼ିଛିଡ଼ି ଚଷା। ଓଡ଼ିଶାରେ, ସେଥିପାଇଁ, ଆପ୍ତବାକ୍ୟ ତିଆରି ହୋଇଛି - ଲେଖୁ ଲେଖୁ କରଣ। କାଳକ୍ରମେ ଏକ

ଜନଗୋଷ୍ଠୀ ବର୍ଣ୍ଣ, ସାହିତ୍ୟ ଓ ଗଣିତ ଶିକ୍ଷାଦାନ କ୍ଷେତ୍ରରେ ଦକ୍ଷତା ପ୍ରତିଷ୍ଠା କରିଛି।

ଓଝା, ଅବଧାନ ଓ ଜ୍ୟୋତିଷ ଏହି ତିନୋଟି ସଂପ୍ରଦାୟ ଓଡ଼ିଶାର ସମାଜ - ଜୀବନ ସହିତ ଅନ୍ତରଙ୍ଗ ଭାବରେ ସମ୍ବନ୍ଧିତ। ଗଣିତ ପାଣ୍ଡୁଲିପିଗୁଡ଼ିକରେ ଏହାର ପ୍ରମାଣ ରହିଛି। ରାଜା ଓ ଜମିଦାରମାନେ ଗ୍ରାମ ନଳପାଇଁ ଓଝା ଓ ଅବଧାନମାନଙ୍କୁ ନିଯୁକ୍ତ କରିଛନ୍ତି। ପ୍ରଜାମାନଙ୍କୁ ଶିକ୍ଷିତ କରାଇବାପାଇଁ ସେମାନଙ୍କୁ ଗାଁଗୁଡ଼ିକୁ ପଠାଇଛନ୍ତି। ଗ୍ରାମରେ ଚାଟଶାଳୀ ଖୋଲିବା ସହିତ ଅବଧାନମାନଙ୍କର ଦେଖାଚାହାଁ କରିବାପାଇଁ ମୁଖିଆମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି (ଗଣିତ ପୋଥି ନମ୍ବର:୧୪୪)। କେତେକ ବିଦ୍ୟାନୁରାଗୀ ଓଝା ଗ୍ରାମବାସୀମାନଙ୍କୁ ଚାଟଶାଳୀ ଖୋଲିବାପାଇଁ ମଧ୍ୟ ପରାମର୍ଶ ଦେଇଛନ୍ତି। ଦେବୀ ଦାସଙ୍କ ଏକ ପୋଥିରେ ରହିଛି - ଜଣେ ଓଝା ଗାଁ ଦାଣ୍ଡରେ ଯାଉଥାନ୍ତି। ଦେଖିଲେ, କରଣ ପିଲାମାନେ ଖୁସିରେ ଖେଳୁଛନ୍ତି ଦାଣ୍ଡରେ। ପିଲାମାନଙ୍କୁ ପାଖକୁ ଡାକିଛନ୍ତି। କହିଛନ୍ତି - ତମେମାନେ ବୁଲ, ଖେଳ - ମନା ନାହିଁ; ହେଲେ ପାଠପଢ଼ । ସେମାନଙ୍କୁ ସାଙ୍ଗରେ ନେଇ ଅଭିଭାବକମାନଙ୍କ ପାଖକୁ ଯାଇଛନ୍ତି। ଚାଟଶାଳୀ ଖୋଲିଛନ୍ତି। ଶ୍ରୀପଞ୍ଚମୀ ଦିନ ପଢ଼ା ଆରମ୍ଭ ହୋଇଛି। ପାରିତୋଷିକ ବାବଦ ମାସକୁ ପାଇଛନ୍ତି କୋଡ଼ିଏ କାହାଣ କଉଡ଼ି (ଗଣିତ ପୋଥି ନମ୍ବର ୧୯୦)। ତେଣୁ ବିଦ୍ୟା ଯେ ବ୍ୟକ୍ତି ଜୀବନ ଓ ସମାଜ ଜୀବନର ସୁଖକର ଯାତ୍ରାପାଇଁ ଆବଶ୍ୟକତା - ଓଝା, କରଣ ଓ ବ୍ରାହ୍ମଣମାନେ ଜନମାନସରେ ଏହି ସଚେତନତା ସୃଷ୍ଟି କରିଛନ୍ତି। ବଡ଼ ବଡ଼ ଗାଁରେ ଚାଟଶାଳୀମାନ ଗଢ଼ିଉଠିଛି। ବିଦ୍ୟା ଯେ ଶକ୍ତି, କ୍ଷମତା ନିୟନ୍ତ୍ରକ ଉପସର୍ଗ, ଆତ୍ମଦର୍ଶନର ଅଣୁଘଟକ - ଜନ ଏହି ବାସ୍ତବତାକୁ ଅନୁଭବ କରୁଛି।

ଓଡ଼ିଶାର ଚାଟଶାଳୀଗୁଡ଼ିକ ପ୍ରଧାନତଃ ଦୁଇପ୍ରକାର ବିଦ୍ୟାର ସାଧନା ଓ ଚର୍ଚ୍ଚାର ପ୍ରୟୋଗଶାଳା ଥିଲା: ବର୍ଣ୍ଣ ଓ ସାହିତ୍ୟ ଏବଂ ଗଣିତ ଶିକ୍ଷା। ଶ୍ରୀପଞ୍ଚମୀ ଅଥବା ଗଣେଶ ଚତୁର୍ଥୀ ଦିନ ଚାଟମାନେ ପଢ଼ା ଆରମ୍ଭ କରୁଥିଲେ । ଏହି ଦିନ ଦୁଇଟି ବିଦ୍ୟାର ଦେବୀ ସରସ୍ୱତୀ ଓ ଦେବତା ଗଣେଶଙ୍କ ଆର୍ବିଭାବର କାଳ। ସେମାନେ ପାଠ ଆରମ୍ଭପାଇଁ ଲୋଡ଼ା ପୂଜାଉପକରଣମାନ ଧରି ଚାଟଶାଳୀକୁ ଆସୁଥିଲେ। ମାଟି ଉପରେ ଖଡ଼ିରେ ତିନୋଟି ମୁଣ୍ଡଳା କାଟୁଥିଲେ। ମୁଣ୍ଡୁଳାଗୁଡ଼ିକ ବ୍ରହ୍ମା, ବିଷ୍ଣୁ ଓ ମହେଶ୍ୱରଙ୍କ ପ୍ରତୀକ। ମୁଣ୍ଡୁଳାଗୁଡ଼ିକ ଲିଭାଇ ଦିଆଯାଉଥିଲା। ଗୁରୁ ସିଦ୍ଧିରସ୍ତୁ ଶବ୍ଦ ଉଚ୍ଚାରଣ କରୁଥିଲେ। ଚାଟର ମଥାରେ ଧୂଳି ବୋଳି ଦିଆଯାଉଥିଲା। ଏହା ଧୂଳି ନୁହେଁ, ବିଦ୍ୟାର ମନ୍ତ୍ର। ବର୍ଣ୍ଣଶିକ୍ଷାରୁ ପଢ଼ା ଆରମ୍ଭ ହେଉଥିଲା । ଗଣିତ ଶିକ୍ଷା ଥିଲା ପଢ଼ାର ଦ୍ୱିତୀୟ ସୋପାନ। ମାତ୍ର ଗୁରୁତ୍ୱପୂର୍ଣ୍ଣ କଥା - ପ୍ରତ୍ୟେକ ଦିନର ପଢ଼ା ଆରମ୍ଭ ହେଉଥିଲା ଗଣିତବିଦ୍ୟାରୁ। ଶିବଶଙ୍କର ଏବଂ ବିକ୍ରମଙ୍କର ଦୁଇଗୋଟି ଗ୍ରନ୍ଥରେ ଏହାର ବର୍ଣ୍ଣନା ରହିଛି। ଶିବଙ୍କ ଶବ୍ଦରେ- ଭଲ ଅକ୍ଷର ଲେଖିବ, ଧାଡ଼ି ସଳଖ କରି ଲେଖିବ, ହୃଦୟକୁ ଦର୍ପଣ ପରାୟେ କରିବ (ଗଣିତ ପାଣ୍ଡୁଲିପି -୧୨୨)। ବିକ୍ରମଙ୍କ ବିଚାର: ପ୍ରତ୍ୟେକ ଦିନର ପଢ଼ା ଗଣିତରୁ ଆରମ୍ଭ ହେବ। ପରେ ଅନ୍ୟପାଠ। କର୍ଣ୍ଣମେଧ ପିଲା ବ୍ରହ୍ମା ଓ ବିଷ୍ଣୁଙ୍କ ନାମ ଉଚ୍ଚାରଣ କରି ୩ଟି ମୁଣ୍ଡୁଳି ଅଙ୍କନ କରିବେ। ପରେ ସିଦ୍ଧରସ୍ତୁ ପ୍ରାର୍ଥନା କରିବେ। ପରେ ଚାଟଶାଳୀକୁ ଆଗପଛ ଆସିଥିବା ଚାଟମାନଙ୍କ ହାତରେ କ୍ରମରେ ଶୂନ୍ୟବାଡ଼ିରେ ଆଘାତ କରିବେ (ଗଣିତ ପୋଥି ନମ୍ବର-୩୯)।

ଗଣିତ ଶିକ୍ଷାର କ୍ରମ ସଂପର୍କରେ ବହୁ ପାଣ୍ଡୁଲିପିରେ ସୂଚନା ରହିଛି। କ୍ରମରେ ଅବଶ୍ୟ ବ୍ୟତିକ୍ରମ ଦେଖାଯାଏ। ମାତ୍ର ପ୍ରାୟ ଏକ ପ୍ରକାରର। ତାହା- ଅକ୍ଷର, ଅଙ୍କ, ଅଙ୍କନାସ୍ତି, ଓଡ଼ାଙ୍କ, ହରଗୁଣ, ଫେଡ଼ାମିଶା, ବର୍ଦ୍ଧି, କୋଟା, କ୍ରୟବିକ୍ରୟ, ମାଢ଼ୋରି, ମିଶାଣ; ସାନଅଢ଼ା ଓ ବଡ଼ଅଢ଼ା, ଚଢ଼ା, ଲେଉଟ, ଅଶ୍ୱଭୋଗ ଓ ଗଜଭୋଗ, ନଳ (ମହୀନଳ, ପୋଖରୀ ନଳ, ଛେଦନଳ ଇତ୍ୟାଦି), ଦେଉଳନଳ,

ପ୍ରଥମରୁ ଦଶମ ଘନ (ଅନ୍ୟତ୍ର ବେଦୀ ନଳ), ଓଝି (ଅନ୍ୟତ୍ର ତକାର ଗୁକାର), ଦଶନ୍ଧି, ବିଚିତ୍ରମିଶାଣ, ଉପହରଣ, ବିଚିତ୍ରହରଣ, ଜଳାନ୍ଧକରଣ, ଲହରୀ, ଶୂନ୍ୟବୀଜ ଖଡ଼ି, ଖନ୍ଦା ଏବଂ ନା ନା ପ୍ରକାରର ସୂତ୍ର ଇତ୍ୟାଦି(ଗଣିତ ପୋଥି ନମ୍ବର - ୧୧୫, ୧୪୭)। ଗଣନା ଓ ମାପ ସଂପର୍କରେ କୁହାଯାଇଛି- କଉଡ଼ି, ଟଙ୍କା, ସୁବର୍ଣ୍ଣ, ଭୂମି, ଧାନ, କରିମ, ଛଟାଙ୍କି ଇତ୍ୟାଦି (ଗଣିତ ପୋଥି ନମ୍ବର ୧୧୨)। କେତେକ ପୋଥିରେ ଅକ୍ଷର ଓ ଅଙ୍କବିଦ୍ୟା ସାଧନ ସଂପର୍କରେ ବିଶଦ ବିବରଣୀ ରହିଛି। ଅନ୍ୟ ଏକ ପୋଥିରେ ସାଧନର କ୍ରମ ଏହିପରି- ବର୍ଣ୍ଣମାଳା, ଯୁକ୍ତାକ୍ଷର, ବନା, ଫଳାଯୋଗ, ସଂଖ୍ୟା ଲିଖନ, ସାଦା ପଣିକିଆ (ପଣକାହାଣ ସହ), କଡ଼ାଗଣ୍ଡା ପଣିକିଆ, ପାହି ପଣିକିଆ, ଗୁଣ୍ଠ, ବିଶ୍ୱା ପଣିକିଆ, ଶୋଧି, ଓଡ଼ାଙ୍କ, ଫେଡ଼ାଙ୍କ, ସଉଆ, ଦେଢ଼ି, ଅଢ଼େଇଆ, ସେର ଓ ଛଟାଙ୍କି ଆଦି ଓଜନ ପରିମାଣ; ଲୀଳାବତୀ ସୂତ୍ର, ବାରମାସ, ଋତୁ, ନକ୍ଷତ୍ର ଓ ତିଥିଗୁଡ଼ିକର ନାମ, ଚଉତିଶା, ଭଜନ, ଜଣାଣ, ସ୍ତୁତି ଓ କାବ୍ୟଶାସ୍ତ୍ର ଇତ୍ୟାଦି । ମାତ୍ର ଉତ୍କଳମଣ୍ଡଳରେ ଗଣିତଚର୍ଚ୍ଚାର ଆରମ୍ଭ କାଳ ଏପର୍ଯ୍ୟନ୍ତ ଅସ୍ପଷ୍ଟ।

ଚାରି

ଆମେ ଓଡ଼ିଶାରେ ଗଣିତ ପାଠ ଚର୍ଚ୍ଚାରେ ଇତିହାସ ସମ୍ପର୍କରେ ନିରାଧାର ଉତ୍ତର କହିପାରିବା ନାହିଁ। ସମ୍ଭବତଃ, ଏହା ଷୋଡ଼ଶ ଶତାବ୍ଦୀ। ଶ୍ରୁତି ସ୍ମୃତିରେ ରୂପାନ୍ତରଣ କାଳର ପରବର୍ତ୍ତୀ ପର୍ଯ୍ୟାୟ ଏବଂ ଏହି ପରମ୍ପରାକୁ ଭାସ୍କରାଚାର୍ଯ୍ୟଙ୍କ ପ୍ରଭାବର ଫଳଶ୍ରୁତି କୁହାଯାଇପାରିବ। କାରଣ ଆମ ସମାଜରେ ପଦାର୍ଥ, ଶସ୍ୟ ଓ ପଶୁଧନ ବିନିମୟ/ କ୍ରୟବିକ୍ରୟର ମାଧ୍ୟମ ମୁଦ୍ରା ନଥିଲା; ପଦାର୍ଥ ଓ ପଶୁଧନ - ପ୍ରଧାନ ଥିଲା। ପରବର୍ତ୍ତୀ କାଳରେ କଉଡ଼ି ମୁଦ୍ରା ଆମ ଜୀବନ ଯାତ୍ରାକୁ ନିୟନ୍ତ୍ରଣ କରିଛି ଏବଂ, ଭାସ୍କରାଚାର୍ଯ୍ୟଙ୍କ ବ୍ୟାବହାରିକ ଗଣିତ ଆମପାଇଁ ଆଦର୍ଶ ହୋଇଛି।

ଭାସ୍କର କର୍ଣ୍ଣାଟକ ଦେଶର ବିଜାପୁରର ବ୍ୟକ୍ତିତ୍ୱ। ଜୀବନର ଅବଧି ପ୍ରାୟ ଏଗାରଶଚଉଦରୁ ଏଗାରଶହ ଚଉରାଶି ମସିହା । ବାପା, ମହେଶ୍ୱର ଉପାଧ୍ୟାୟ, ସାଣ୍ଡିଲ୍ୟଗୋତ୍ରୀ ବ୍ରାହ୍ମଣ, ଜ୍ୟୋତିର୍ବିଦ୍ୟା ବିଶାରଦ।[୧୫] ଭାସ୍କର ବାପାଙ୍କ ଶିଷ୍ୟ ହୋଇଛନ୍ତି ଏବଂ, ପ୍ରାୟ ଛତିଶ ବର୍ଷ ବୟସ ବେଳକୁ ଲେଖିଛନ୍ତି 'ସିଦ୍ଧାନ୍ତ ଶିରୋମଣି' ଗ୍ରନ୍ଥ। ଏହା ଚାରି କାଣ୍ଡରେ ବିଭକ୍ତ, ଯଥା-**ଲୀଳାବତୀ, ବୀଜଗଣିତ, ଗ୍ରହଗଣିତ, ଓ ଜ୍ୟୋତିର୍ବିଦ୍ୟା।** ପ୍ରଥମ ଦୁଇଖଣ୍ଡ ଗଣିତ ଏବଂ ଦ୍ୱିତୀୟ ଦୁଇଖଣ୍ଡ ଜୋତିର୍ବିଦ୍ୟା ବିଷୟକ। ପରିଣତ ବୟସରେ ସେ **କରଣ କୁତୁହଳ** ଶୀର୍ଷକ କରଣ ଗାଥା ବି ଲେଖିଛନ୍ତି। ସେ ବହୁ ଗାଣିତିକ ସୂତ୍ରର ସ୍ରଷ୍ଟା ବୋଲି ସ୍ୱୀକାର କରାଯାଏ। ଦେବଭାଷା ମାଧ୍ୟମରେ ସେ କର୍ଣ୍ଣାଟକରୁ କଳିଙ୍ଗ ଆସିଛନ୍ତି। ଏହି ଭୂମିର ପାରମ୍ପରିକ ଗଣିତଶାସ୍ତ୍ରୀମାନେ ତାଙ୍କ ବିଦ୍ୟାକୁ ଗୁରୁ କରିଛନ୍ତି। **ସିଦ୍ଧାନ୍ତ ଶିରୋମଣି**ର ପ୍ରଥମ ଓଡ଼ିଆ ଅକ୍ଷରାନ୍ତରଣର ଶ୍ରେୟ ପଣ୍ଡିତରାଜ ଗୋଦାବରୀ ରାୟଗୁରୁ, ଗଜପତି ପ୍ରତାପ ରୁଦ୍ର ଦେବଙ୍କ ସମକାଳୀନ (ଷୋଡ଼ଶ ଶତାବ୍ଦୀ)। ତାଙ୍କ ଗ୍ରନ୍ଥର ଶୀର୍ଷକ 'ଅଦ୍ୱୈତ ଦର୍ପଣ'। ଏହି ଗ୍ରନ୍ଥର ପାଣ୍ଡୁଲିପି ଜାତୀୟ ସଂଗ୍ରହାଳୟ, ନୂଆ ଦିଲ୍ଲୀରୁ ଓଡ଼ିଶା ରାଜ୍ୟ ସଂଗ୍ରହାଳୟକୁ ଆସିଛି। (ଗଣିତପୋଥି ନମ୍ବର -୧୧୭)

ମାତ୍ର, ବାସ୍ତବତଃ, **ସିଦ୍ଧାନ୍ତ ଶିରୋମଣି**କୁ ଓଡ଼ିଆମାନଙ୍କ ପାଖରେ ପରିଚିତ କରାଇଛନ୍ତି ମାଗୁଣି ପାଠୀ। ମାଗୁଣିଙ୍କର ଗ୍ରନ୍ଥର ଶୀର୍ଷକ **ମନ୍ଦାର୍ଥବୋଧିନୀ** ଟୀକା। ଏହି ଟୀକା ଗ୍ରନ୍ଥର ନଅ ସାର ପ୍ରତିଲିପି ଓଡ଼ିଶା ରାଜ୍ୟ ସଂଗ୍ରହାଳୟରେ ଉଭୟ ସୁସ୍ଥ ଓ ଅସୁସ୍ଥ ଅବସ୍ଥାରେ ରହିଛି। ଟୀକାର ରଚନା କାଳ ୧୬୬୩ ସାଲ, ଶ୍ରାବଣ ଶୁକ୍ଳପକ୍ଷ। ବାପା ଜନ୍ମେଜୟ, ଭରଦ୍ୱାଜ ଗୋତ୍ରୀ ବ୍ରାହ୍ମଣ। ତାଙ୍କ ଗ୍ରନ୍ଥରେ ଦେବଭାଷା ଓ

ପ୍ରାକୃତ ଭାଷା ଗୋଟିଏ ଭାବରେ ଜଡ଼ି ରହିଛନ୍ତି। ଏହି ଗ୍ରନ୍ଥ ଉଭୟ ଅବଧାନ ଓ ଅଧ୍ୟାୟୀ - ସକଳଙ୍କ ଜଟିଳ ଗଣିତବିଦ୍ୟା ଅବବୋଧର କାରଣ ହୋଇଛି ଏବଂ ମାଗୁଣିଙ୍କର ଏହି ସାଧନା ଓଡ଼ିଶାରେ ଗଣିତଚର୍ଚ୍ଚାର ଭିତ୍ତି ପ୍ରତିଷ୍ଠା କରିଛି।

ମାଗୁଣି ଆପଣାର ଦୁଃସାହସ ସମ୍ପର୍କରେ ସ୍ପଷ୍ଟ କରିଦେଇଛନ୍ତି। ଆପଣା ଟୀକାର ଆରମ୍ଭରେ ଗଣେଶଙ୍କ ଆଶୀର୍ବାଦ ଭିକ୍ଷା କରିଛନ୍ତି ଏବଂ ପରେ ପରେ କହିଛନ୍ତି -

ବାଳକ ଯେ ଅବୋଧ ଶିଶୁ। ସେମାନଙ୍କର ଯେଉଁ ଲୀଳା ହେଲା, କୌତୂକ ହେଲା, ତେଣୁ କରି ଅବରଥ ବୋଇଲେ ଗୋଚର ଅଟଇ। ବାଳକମାନେ ପଢ଼ିବାକୁ ଏ ବୀଜଗଣିତ ଯୋଗ୍ୟ ଅଟଇ। ଅତ୍ୟନ୍ତ ସୁବୋଧ ହେବାରୁ ପୁନଃ କିମ୍ଭୂତ। ପୁଣି କେମନ୍ତ ଅଟଇ। ସକଳ ଗଣିତ ସାର। ସମସ୍ତ ଗଣିତମାନଙ୍କର ସାରଭୂତ ଅଟଇ। ପୁନଃ କିମ୍ଭୂତ। ସେ ପରିପ୍ରକାର ତତ୍ପରିରେ ଯୁକ୍ତ ହୋଇଅଛନ୍ତି। ପ୍ରକାରମାନେ ଭେଦ ମାନେ ଯାହାରେ ଉସ୍ବ ଯାହାର ସେ। ପୁନଃ କିମ୍ଭୂତ। ତେଣୁ କେମନ୍ତ ଅଟଇ। ବହୁ ଗୁଣଯୁକ୍ତ। ବହୁତ ଯେ ଗୁଣମାନେ ମଧୁର ଇତ୍ୟାଦି ନୋହିଲେ ଅବା କୁକ୍କୁଟାଗତ ଯେ ଗୁଣମାନେ ସେମାନଙ୍କର କିଂ କରିମ୍ ଯୁକ୍ତ ଅଟଇ ଇତ୍ୟାଦି ।

କୁକ୍କୁଟ ନ୍ୟାୟ ସମ୍ପର୍କରେ ସେ ସୂଚନା ଦେଇ କହୁଛନ୍ତି, "କୁକ୍କୁଟ ଯେ ହିଂସା ବାଚନ ଶବ୍ଦ। ହିଂସା ବାଚନ ଶବ୍ଦସ୍ତୁ।" ପୁଣି ଲୀଳାବତୀ ସମ୍ପର୍କରେ ତାଙ୍କ ମନ୍ତବ୍ୟ - ସେ ଗ୍ରନ୍ଥକୁ ସଂକ୍ଷେପରେ କହୁଛନ୍ତି -

ସଂକ୍ଷେପ ଅଟଇ ଏମନ୍ତ ଯେ ଅକ୍ଷରମାନେ ଏମାନଙ୍କପରି କୁଶଳ ବୋଇଲେ ସୂକ୍ଷ୍ମ ଅଟଇ। ଅମଳ ବୋଇଲେ ନିର୍ମଳ ଅଟଇ। ଏମନ୍ତ ଯେ ପଦମାନେ ଏମାନଙ୍କର କରି ଲାଳିତ୍ୟ ବୋଇଲେ ଲଳନଯୁକ୍ତି। ଏମନ୍ତ ଲୀଳାବତୀ ଅଟଇ। ଉତ୍ତମ ଗଣିତର ପାଟି ବୋଇଲେ ଅନୁକ୍ରମ ଯେ ତାହାକୁ। ଅହଂ ବୋଇଲେ ମୁଁ। ପ୍ରସ୍ଫୁଟ ବୋଇଲେ ବ୍ୟକ୍ତ କରି। ଗଣିତର ପାଟୀ ଯେ କେମନ୍ତ ଅଟଇ। ଚତୁର ଲୋକର ପ୍ରୀତି ଯେ ସୁଖ ତାହାକୁ ଦିଅନ୍ତା ଅଟଇ। (ଗଣିତ ପୋଥି ନମ୍ବର ୧୩୭, ୧୪୦)।

ଗଣିତକୁ କିପରି ବ୍ୟାଖ୍ୟା କରାଯାଇଛି, ତାହାର ଏକ ଉଦାହରଣ।

୧. ଲୋମ/ବିଲୋମ: ଦୁଇ ବିଲୋମ ଯେ ଏଥିକୁ ହେଠାମୁଣ୍ଡ କରି ଧରିନିଅ। ଦଶରେ ଯେ ହରିଛି ଯେ ଦଶଗୁଣ ହୋଇ କୋଡ଼ିଏ କୋଡ଼ି ଯେ ଆଠ ଯେ ମିଶାଇଛି। ଆଠ ଫେଡ଼ି ରହଇ ୧୨୭। ଯେହା ବର୍ଗ କର। ହୋଇବ ୧୪୪। ଓଜରୁ ଓଜ ଫେରିଛି ୫୨। ଏହା ମିଶାଇଲେ ହୋଇବ ୧୯୬। ଲବ୍ଧ ୯୪। ଏଠାରେ ତିନି ଭାଗରୁ ଭାଗେ ଫେରିଛି। ଏଥି ଭାଗେ ମିଶାଇ ଦୁଇ ଭାଗେ ହୋଇଛି। ଏହାକୁ ଦୁଇ ଭାଗରେ ହରିଲେ ସାନ ଭାଗ ନେଲେ, ତାହାକୁ ସାତରେ ହରିବ ଇତ୍ୟାଦି।

୨. ସୂତ୍ରାର୍ଥ କହୁଛଇ। ହାରିବା ଠାରେ ଗୁଣିବ। ଗୁଣିବା ଠାରେ ହରିବ। ମିଶିବା ଠାରେ ଫେଡ଼ିବ। ଫେଡ଼ିବା ଠାରେ ମିଶିବ। ବର୍ଗ ଠାରେ ଏକ ହୋଇବ। ଏକ ଠାରେ ବର୍ଗ ହୋଇବ ଇତ୍ୟାଦି। (ଗଣିତ ପୋଥି ନମ୍ବର: ୬୫)

ମାଗୁଣିଙ୍କ ଗଣିତବିଦ୍ୟାର ବ୍ୟାଖ୍ୟା ଶୈଳୀ ଓଡ଼ିଆ ପ୍ରାଚୀନ ଗଦ୍ୟଶୈଳୀର ଉଦାହରଣ । ଷୋଡ଼ଶ/ ସପ୍ତଦଶ ଶତାବ୍ଦୀ କୁହାଯାଇ ପାରିବ। ସମକାଳରେ ରଚିତ ନାରାୟଣାନନ୍ଦ ଅବଧୂତ ସ୍ୱାମୀଙ୍କ ରୁଦ୍ରସୁଧାନିଧି ଗ୍ରନ୍ଥର ଗଦ୍ୟ ରୀତିର ଏହା ସମଗୋତ୍ରୀୟ। ନାରାୟଣଙ୍କ ରଚନାରେ ଗଣିତବିଦ୍ୟା

ସମ୍ପର୍କରେ ମଧ୍ୟ ସୂଚନା ରହିଛି ।[୧୬]

ପ୍ରଥମରୁ କହିଛି, ଲୋକନାଥଙ୍କ ଅନୂଦିତ ଲୀଳାବତୀ ସୂତ୍ରର ପାଣ୍ଡୁଲିପି ସଂଖ୍ୟା ଓଡ଼ିଶାର ରାଜ୍ୟ ସଂଗ୍ରହାଳୟରେ ସର୍ବାଧିକ । ମାତ୍ର ପାଣ୍ଡୁଲିପିର ସଂଖ୍ୟା ଆଧାରରେ ଏକଥା ଆଦୌ ଗ୍ରହଣୀୟ ନୁହେଁ ଯେ, ଓଡ଼ିଶାରେ ଲୋକନାଥଙ୍କ ଉଦୟନ ଆକସ୍ମିକ। ଧରଣୀଧର, ଲୋକନାଥଙ୍କ ବାପା - ଜଣେ ଗଣିତଜ୍ଞ ଓ ଜ୍ୟୋତିର୍ବିଦ୍ୟା ବିଶାରଦ। ତାଙ୍କ ନାମ ଭଣିତା ଥାଇ ଚଉତିଶା ଓ ଗାଣିତିକ ସୂତ୍ରମାନ ରହିଛି। ବହୁ ସଂକଳନରେ ସେ ସ୍ଥାନ ପାଇଛନ୍ତି। ଦେବୀ ଦାସ, କୃପାସିନ୍ଧୁ, ବଳଭଦ୍ର ଓ ବିକ୍ରମ ମଧ୍ୟ ଭାସ୍କରଙ୍କ ବହୁ ସୂତ୍ରର ଅନୁବାଦକ। ସୂତ୍ରଗୁଡ଼ିକ ବିଭିନ୍ନ ପୋଥି (ପୋଥି ନମ୍ବର ୫, ୨୮, ୪୪, ୫୩, ୧୭୩, ୨୨୧) ରେ ସଂକଳିତ। ସେମାନଙ୍କୁ ଲୋକନାଥଙ୍କ ସର୍ବସୂରି କୁହାଯାଇପାରିବ। ସେମାନଙ୍କ ନାମ ଭଣିତାଥାଇ ରାଜ୍ୟ ସଂଗ୍ରହାଳୟରେ ସ୍ୱତଂତ୍ର ପୋଥିମାନ ରହିଛି। କ୍ଷେତ୍ରର ନଳ ଭାଂଗଣ, କୋଟାହିସାବ ଓ ପଦାର୍ଥର ଘନତ୍ୱ ମାପ ଏବଂ କଳନ୍ତର ହିସାବ କ୍ଷେତ୍ରରେ ଏମାନେ ଜଣେ ଜଣେ ସ୍ୱତଂତ୍ର ପ୍ରତିଭା। ଏମାନଙ୍କ ନାମ ଭଣିତା ଥାଇ ସଂଗ୍ରହାଳୟରେ **ଗଣିତ** ଶୀର୍ଷକ ପୋଥି ସଂଖ୍ୟା ସର୍ବାଧିକ। ତେଣୁ **ଲୀଳାବତୀ ସୂତ୍ର**ର ଅନୁବାଦକ ଲୋକନାଥ, ସେମାନଙ୍କ ବ୍ୟକ୍ତିତ୍ୱଦ୍ୱାରା ଯେ ପ୍ରଭାବିତ ହୋଇଥିବେ, ଏପରି ଅନୁମାନକୁ ଅସ୍ୱୀକାର କରାଯାଇପାରିବ ନାହିଁ।

ପୁନଶ୍ଚ ଯାହା ଗୁରୁତ୍ୱପୂର୍ଣ୍ଣ, ଲୀଳାବତୀ ଓଡ଼ିଆଭାଷୀ ଅଞ୍ଚଳରେ ଜଣେ କିମ୍ବଦନ୍ତୀର ଚରିତ୍ର। ଖନା ନାମରେ ତାଙ୍କର ବିଶେଷ ପରିଚିତି ରହିଛି। ଲୋକେ ଗ୍ରହଣ କରି ନେଇଛନ୍ତି, କୃଷି ଓ ଗଣିତ ସଂକ୍ରାନ୍ତ ବିଦ୍ୟାର ପ୍ରକୃତ ଈଶ୍ୱରୀ ଭାସ୍କର ନୁହନ୍ତି, ଲୀଳାବତୀ। ଅସାଧାରଣ ପାଣ୍ଡିତ୍ୟ ଯୋଗୁଁ ତାଙ୍କୁ ଜିଭ ହରାଇବାକୁ ପଡ଼ିଛି। କଥନ ସାମର୍ଥ୍ୟ ହରାଇଛନ୍ତି ଏବଂ ଅକ୍ଷରରେ ସଜେଇ ଦେଇଛନ୍ତି ଆପଣା ଅଙ୍କବୋଧକୁ। ଓଡ଼ିଆ ଭାଷାରେ **ଖନା ବଚନ ବା ଲୀଳାବତୀ ସୂତ୍ର** ଶୀର୍ଷକରେ ବହି ମଧ୍ୟ ରହିଛି।[୧୭] ମାତ୍ର ଲୋକନାଥଙ୍କ ଲୀଳାବତୀ ସ୍ୱତନ୍ତ୍ର।

ପାଞ୍ଚ

ଆମେ ପ୍ରଥମରୁ ଆଲୋଚନା କରିଛେ, ଗଣିତ ଏକ ବ୍ୟାବହାରିକ ବିଦ୍ୟା। ଦୈନନ୍ଦିନ ଜୀବନଯାତ୍ରାର ସକଳ କ୍ଷେତ୍ରରେ ଏହି ବିଦ୍ୟାର ବର୍ତ୍ତମାନ। ତେଣୁ, ପୋଥିରେ ପ୍ରଶ୍ନଗୁଡ଼ିକର ସାଧନର ପ୍ରସଙ୍ଗ ପ୍ରାୟ ଏକ ପ୍ରକାରର। ସେଗୁଡ଼ିକ ଏହିପରି: ଆମେ ତତ୍କାଳ ଆବଶ୍ୟକତା ପୂରଣପାଇଁ ପଦାର୍ଥ ଅଥବା ଅର୍ଥ ଅନ୍ୟପାଖରୁ ଋଣ ସୂତ୍ରରେ ଆଣିବୁ, ସୁଧମୂଳ ପରିଶୋଧ କରିବୁ (କଳନ୍ତର), ନାନା ପ୍ରକାରର ପଦାର୍ଥ କିଣିବୁ, ବିକିବୁ, ଲାଭ ଅଥବା କ୍ଷତିରେ ଭୋଗ କରିବୁ (କ୍ରୟବିକ୍ରୟ); ଜମି କିଣିବୁ, ବିକିବୁ ଏବଂ ଘର କରିବୁ - ଏହା ଆୟତନ ଆଧାରରେ ହେବ (ନଳମାପ); ବିଭିନ୍ନ ପଦାର୍ଥ ମିଶିଯାଇଛି, ପ୍ରତ୍ୟେକର ପରିମାଣ ନିରୂପଣ କରିବୁ; ଆମକୁ ନିର୍ଦ୍ଦିଷ୍ଟ ସ୍ଥାନକୁ ଯିବାକୁ ହେବ, କେତେ ବେଗରେ ଗଲେ, କେତେ ସମୟ ଲାଗିବ ପହଞ୍ଚିବାକୁ (ସମୟ ଓ ଦୂରତା); କୌଣସି ଏକ ଘନ ପଦାର୍ଥର ପରିମାଣ ଜାଣିବାକୁ ହେବ, କିପରି ଜାଣିବୁ; କୌଣସି ପଦାର୍ଥକୁ ଭାଗ ଭାଗ ଅଥବା ପରସ୍ପର ସହିତ ଯୋଡ଼ିବାକୁ ପଡ଼ିବ, କିପରି କରିବୁ; ପଦାର୍ଥର ସଂଖ୍ୟା ଅଥବା ମୂଲ୍ୟ ବଢ଼ିବଢ଼ି ଯାଉଛି, ଅଥବା କମିକମି ଯାଉଛି - କେମିତି ଜାଣିବୁ ପରିଣତି (ଚଢ଼ା - ଉତରା) - ଏହା ଗଣିତ ବିଦ୍ୟାର ପ୍ରସଂଗ। ଯଦି ସହଜରେ ସମସ୍ୟା ସମାଧନ କରାଯାଇପାରିବ, ସେତିକିରେ ଆନନ୍ଦ। ସୂତ୍ରବୋଧ ଥିଲେ, ଜଣେ ଜଟିଳକୁ ସହଜ କରିଦେଇପାରିବ। ମାତ୍ର ସୂତ୍ର ତିଆରି ଏତେ ସହଜ ନୁହେଁ, ସାଧନାର ପ୍ରସଙ୍ଗ। ସମସ୍ୟାର ସମାଧନ କେତେ ଆୟାସସାଧ୍ୟ,

ଭୂମି / କ୍ଷେତ୍ରର ଆକାର ମାପ(ନଳ)କୁ ଆମେ ଉଦାହରଣ କରିପାରିବା। ଯଥା:

ସମନଳ, ବିଷମନଳ, ସାନହାତ ବଡ଼ହାତ ନଳ, ଜ୍ୟେଷ୍ଠ କନିଷ୍ଠ ନଳ, ପ୍ରତିନାସ୍ତି ନଳ, ଗୁଣାଣ ଦଶନ୍ଧି ନଳ, ହରଣ ଦଶନ୍ଧି ନଳ, ଷୋଳଖଣ୍ଡି ନଳ, ବାଂଶଭଙ୍ଗନଳ, ଶକଟାକାର ନଳ, ଧନୁଆକାର, ମର୍ଦ୍ଦଳାକାର, ଡମ୍ବରୁ ଆକାର, ବୃତ୍ତାକାର, ଚକ୍ରାକାର, ତୂଣୀର ନଳ, ପହଣ୍ଡ ନଳ, କୋଣଭଂଗା ନଳ, ବଧି ନଳ, ପଦିକା ନଳ, ବିଶ୍ୱାନଳ, ଆଗୁଂଳ ନଳ, ଚାଖଣ୍ଡ ନଳ, ଚଉକ ନଳ, କାଣିହାତ ନଳ, ବାଂଫି ନଳ, ପୋଖରୀ ନଳ, ଦେଉଳତୋଳା ନଳ, ମଣ୍ଡପ ନଳ, ବେଦି ନଳ, ଖାତ ନଳ, ଖଣ୍ଡି ନଳ, ପାଟ-ପତନି ନଳ, ଗ୍ରାମ ନଳ, ଗଡ଼ ନଳ, ଛେଳିନଳ, ସର୍ପନଳ, ପଙ୍କ-ପଦ୍ମ ନଳ, ଗଛଲତା ନଳ, ମୟୂର-ସର୍ପ ନଳ, ଗଜଦନ୍ତ ନଳ, ଦୀପରୁଖା ନଳ, ପଥରବସା ନଳ, ବର୍ଗକ୍ଷେତ୍ର, ଆୟତକ୍ଷେତ୍ର ନଳ ଇତ୍ୟାଦି।

ଏବଂ, ଭୂମି ଓ ଦୂରତା ମାପର ଏକକ ଓ ଏକକ ଆଧାରରେ ପରିମାଣ ସମ୍ପର୍କରେ ସୂଚନା ଦିଆଯାଇଛି।

ଯଥା: ଆଂଗୁଳ, ମୁଠା (ଚାରି ଆଂଗୁଳ), ଚାଖଣ୍ଡ (ଆଠ ଆଂଗୁଳ), ହାତ (ଷୋଳ ଆଗୁଂଳ, ଦୁଇ ଚାଖଣ୍ଡ), ଦଣ୍ଡ (ଚାରିହାତ), କୋଶ (ଦୁଇ ହଜାର ଦଣ୍ଡ), ଯୋଜନ (ଚାରି କୋଶ), ଜରିବ (ଶହେ କଡ଼ି), ବଂଶ (ଦଶହାତ), ହଡ଼ି (କୋଡ଼ିଏ ବଂଶ), ଏକ ବିଶ୍ୱା (ଚାରି କଡି), ଏକଗୁଣ୍ଠ (ଷୋଳ ବିଶ୍ୱା) ଏକ ମାଣ/ଏକର (ପଚିଶ ଗୁଣ୍ଠ), ବାଟି (କୋଡ଼ିଏ ମାଣ/ଏକର)।

ମାପର ଏକକ ସହିତ ସଂଖ୍ୟାର କ୍ରମ ମଧ୍ୟ ଦିଆଯାଇଛି। ପ୍ରତ୍ୟେକ ଏକକ ପୂର୍ବ ଏକକର ଦଶଗୁଣ। ଯଥା: ଏକ, ଦଶ, ଶତ, ସହସ୍ର, ଅୟୁତ, ଲକ୍ଷ, ନିୟୁତ, କୋଟି, ମର୍ଭୁତ, ଶଂଖ, ପଦ୍ମ, ସାଗର, ଅନନ୍ତ, ମଧ୍ୟ, ପରାର୍ଦ୍ଧ।

ଏବଂ, ସଂଖ୍ୟା ଆଧାରିତ ଫଳ ନିରୂପଣପାଇଁ ରହିଛି ନାନା ପ୍ରକାରର ଓଡ଼ାଙ୍କ (ମିଶାଣ) ମେଲାଙ୍କ (ଫେଡାଣ), ତକାର (ହରଣ), ଗୁକାର (ଗୁଣନ) ବର୍ଗ, ବର୍ଗମୂଳ ସୂତ୍ର।

ସ୍ଥାନପରି ଆମକୁ କାଳ / ସମୟ; ଶସ୍ୟ, ତରଳ ଓ ଧାତବ ପଦାର୍ଥର ପରିମାଣ ଏବଂ ମୂଲ୍ୟାୟନପାଇଁ ମୁଦ୍ରାର ଏକକଗୁଡ଼ିକୁ ମଧ୍ୟ ଜାଣିବାକୁ ପଡ଼ିବ। ଏବଂ, ଜଣେ ଚାଟ ଏକକଗୁଡ଼ିକ ସମ୍ପର୍କରେ ଜାଣିସାରିବା ପରେ ଗଣିତର ଗହନ ବନ ଭିତରକୁ ପଶିବ। ଆପଣାକୁ ବିଦ୍ୟାବନ୍ତ ବୋଲି ପ୍ରମାଣ କରିବ। ତେଣୁ ଗଣିତବିଦ୍ୟା ଜଟିଳ ଓ ସାଧନା ସାପେକ୍ଷ ବୋଲି ପ୍ରତ୍ୟେକ ଖଡ଼ିକାର ବାରମ୍ବାର ଚାଟମାନଙ୍କୁ ସଚେତନ କରିଦେଇଛନ୍ତି।

ଜଟିଳତା ପାଖରେ ଅଟକିଲେ, ଯାତ୍ରା ଅଟକିଯାଏ, ଜୀବନ ଅଟକିଯାଏ, ସ୍ଥବିର ହୋଇଯାଏ। ସ୍ଥବିରତାର  ଅନ୍ୟ ନାମ ମରଣ। ମଣିଷ ଜାଣେ, ମରଣ ହେଉଛି ଜୀବନର ଏକ ଅନତିକ୍ରମଣୀୟ ବାସ୍ତବତା। ମାତ୍ର ସେ ମରଣକୁ ଜୟ କରିବାକୁ ଚାହେଁ। ମରଣର କାରଣଗୁଡ଼ିକୁ ପ୍ରଶ୍ନ କରେ। ପ୍ରଶ୍ନରୁ ଜନ୍ମନିଏ ଉତ୍ତର। ପୁଣି ପ୍ରଶ୍ନ। ଜୀବନ ହେଉଛି ପ୍ରଶ୍ନ ଓ ଉତ୍ତରର ଏକ ନିରନ୍ତର ଯାତ୍ରା। ଏହି ଯାତ୍ରାକୁ ପ୍ରୀତିପ୍ରଦ କରିବାକୁ ପଡ଼ିବ କିପରି? ଆମ ଗଣିତଜ୍ଞମାନେ ଏଇ ପ୍ରଶ୍ନର ଉତ୍ତର ପାଇଯାଇଛନ୍ତି। ଉତ୍ତରର ପରିଭାଷା 'ଔଷଧ'। ସେମାନଙ୍କପାଇଁ ଏ ଔଷଧର ନାଁ 'ରସବୋଧ'। ଅର୍ଥାତ୍ ବ୍ୟକ୍ତିକୁ ତା' ସମସ୍ୟାର କଥା କହିଦିଅ। ସମସ୍ୟା କାହାଣୀ ହୋଇଯିବ। ଜୀବନ ସମ୍ମୁଖୀନ ହେଉଥିବା ସତସତ କାହାଣୀ। ଏମିତି ଘଟଣାମାନ ଜୀବନରେ କାହିଁକି ଘଟେ? ପ୍ରଶ୍ନ ଭିତରୁ ଜନ୍ମଟିଏ ଦର୍ଶନ, ଜୀବନଦୃଷ୍ଟି। ଜୀବନକୁ

ସହଜ ଓ ସୁଖକର କରାଯାଇପାରିବ କିପରି? କିପରି ପହଂଚିଯାଏ ଶବ୍ଦ ପାଖରେ, ସୁର ପାଖରେ, ବିଶ୍ୱାସ ପାଖରେ, ନାଚ ପାଖରେ, ଅଭିନୟ ପାଖରେ। ସଂକ୍ଷେପରେ ଅନୁଭବ ପାଖରେ । ତା' ପାଖରେ ଜଗତର ଯେ ଏତେ ସଂପଦ ଅଛି, ସେ ସହଜରେ କଳପନା କରିପାରେନି। ଗଣିତବିଦ୍ୟାକୁ ସକଳ ଭାବ ଓ ରସରେ ବେଶ କରିଦିଏ। ସହଜ, ସରଳ ଓ ସୁନ୍ଦର ହୋଇଯାଏ ଅବୋଧ, ଦୁର୍ବୋଧ ଲାଗୁଥିବା ଏକ ବିଦ୍ୟା। ଜୀବନର ଯାତ୍ରା ବି ଆଉ କ୍ଲାନ୍ତି, ବିରକ୍ତିକର ବୋଧହୁଏ ନାହିଁ। ବ୍ୟକ୍ତି ଅନୁଭବ କରେ, ସେ ବଂଚୁଥିବା ଜଗତ, ଗଣିତର ଜଗତ। ଗଣିତଜ୍ଞମାନେ ଜଟିଳତା ଭାଂଗଣର ଏହି ସୂତ୍ରକୁ ବୁଝିଛନ୍ତି। ତେଣୁ, ଗଣିତବିଦ୍ୟା ହୋଇଛି ସକଳ ରସବୋଧର ସରଘର। ଗୀତ, ସୁର, କଥା, ଚିତ୍ର, ଦର୍ଶନ, ଧର୍ମବିଶ୍ୱାସ, ନାଚ, ଅଭିନୟରେ ପରିପୂର୍ଣ୍ଣ ଆୟତନ।

ଗଣିତ ଓ ରସବିଦ୍ୟା ମଧ୍ୟରେ ବର୍ତ୍ତମାନ ସମ୍ପର୍କକୁ ବୁଝିବାପାଇଁ ପ୍ରଥମେ ଆମେ ସଂଖ୍ୟା ଅବବୋଧ ପାଖକୁ ଆସିବା। ଗଣିତଜ୍ଞମାନେ ସଂଖ୍ୟାଗୁଡ଼ିକୁ ପରିଚିତ ପୌରାଣିକ ଚରିତ୍ର, ପଦାର୍ଥ ଓ ଜ୍ୟୋତିର୍ବିଦ୍ୟାର ଗ୍ରହମାନଙ୍କ ମାଧ୍ୟମରେ ପ୍ରତୀକିତ କରିଛନ୍ତି। ଯଥା:

୧. (କଡ଼ା, ଶୂନ୍ୟ, ଚନ୍ଦ୍ର, ନିରାକାର, ବ୍ରହ୍ମା, ଅନ୍ତରୀକ୍ଷ), ୨. (ପକ୍ଷ, ବାହୁ, ନେତ୍ର), ୩. (ରାମମୂର୍ତ୍ତି, ରଥ, ପୁର), ୪. (ବର୍ଗ, ଯୁଗ, ମେଘ, ତୂର୍ଯ୍ୟ, ମୋକ୍ଷ, ବେଦ), ୫. (ପାଣ୍ଡବ, ଇନ୍ଦ୍ରିୟ, ଶର, ଭୂତ, ବଟ), ୬. (ଋତୁ, ରସାଂଗ, ପୂଜକ, ମିଛ), ୭. (ସମୁଦ୍ର, ନର, ତୁରଗ, ସ୍ୱର, ନର, ଦ୍ୱୀପ), ୮. (ନାଗ, ବସୁ, ରନ୍ଧ୍ର, ଆଗ୍ରହ), ୯. (ନନ୍ଦନ, ଗୋ), ୧୦ (ଦିଗ, ଅବତାର, ବସୁ), ୧୧. (ରୁଦ୍ର), ୧୨.(ମାସ, ସାଧରାଶି, ସୂର୍ଯ୍ୟ, ଫୁଲ), ୧୩. (କାଳ, ବିଷ୍ଣୁ), ୧୪. (ଇନ୍ଦ୍ର, ଭୁବନ), ୧୫. (ତିଥି), ୧୬. (କଳା, ନୃପ), ୧୭. (ବିତିପାଦ), ୧୮. (ପୁରାଣ, ଧ୍ରୁତି), ୧୯. (ବିଧ୍ରୁତି), ୨୦. (ନଖ), ୨୧. (ଉତ୍ତରାଷାଢ଼ା ନକ୍ଷତ୍ର), ୨୨. (ଶ୍ରବଣା ନକ୍ଷତ୍ର), ୨୩. (ଶୁଭ), ୨୪. (ଅର୍ଜିର୍ନ ଶୁକ୍ଳ), ୨୫. (ଯୂଥପତି, ପ୍ରକୃତି), ୨୬. (ଉତ୍ତରାଭଦ୍ରା), ୨୭. (ତାରା), ୨୮. (ଅଭିଜିତ), ୨୯. (ମନ), ୩୦. (ଦ୍ୱମୁଖୀ), ୩୧. (ସତୀ), ୩୨. (ଦାନ୍ତ), ୬୦. (ତିଳ), ୮୦. (ଦାଢ଼), ୧୦୦. (କୌରବ) ଇତ୍ୟାଦି।

ଚରିତ୍ରମାନଙ୍କୁ କିପରି ଅଂକ କୁହୁକରେ ବ୍ୟବହାର କରାଯାଇଛି, ତାହାର ଏକ ଉଦାହରଣ:

ଚପଳ ଚାଟକେ ମନେ ଭାବିଲା। ବସୁ ମୁନି ରାଗ ବୋଇଲା॥
ସାଥି ପିଲାଙ୍କୁ କହିଲା ଡାକିଣ। ଯଦି ଖଡ଼ିପାଠେ ଅଟୁ ପ୍ରବୀଣ॥
ଗଢ଼ିଛି ରାଶି ଆଦ୍ୟେ ଚନ୍ଦ୍ରରଖି। ତଳକୁ ତଳ କେତେଥର ଲେଖି॥
ମିଶାଇଲେ ହୋଇବ ଚନ୍ଦ୍ରମାଳି। କହିଦିଅ ଭାଇ ଚିତ୍ତରେ ଭାଳି॥ (ପୋଥି ନମ୍ବର ୨୨୪)

ଗଣିତପୋଥିଗୁଡ଼ିକ ପଢ଼ିଲେ ଲାଗିବ, ପ୍ରତ୍ୟେକ ଗଣିତଜ୍ଞ ଯେପରି ଜଣେ ଜଣେ କବି, ସଙ୍ଗୀତକାର ଓ ଦାର୍ଶନିକ। ସଂଗ୍ରହାଳୟରେ ଥିବା ମାତ୍ର ତିନୋଟି ପୋଥି ବ୍ୟତୀତ ଅନ୍ୟଗୁଡ଼ିକ ଗୀତ ଓ ସ୍ୱରରେ ରସସିକ୍ତ। ପ୍ରଶ୍ନଗୁଡ଼ିକ କବିତାରେ, ରାଗଯୁକ୍ତ। ରାଗଗୁଡ଼ିକ: ଆଷାଢ଼ଶୁକ୍ଳ, ମଙ୍ଗଳଗୁଜ୍ଜରି, କେଦାର, ଧନାଶ୍ରୀ, କାମୋଦି, କୌଶିକ, ନଳିନୀଗୌଡ଼ା, ଆହାରି, କଲ୍ୟାଣଆହାରି, ରସକୂଲ୍ୟା, ବଙ୍ଗଳାଶ୍ରୀ, କୁମ୍ଭକାମୋଦି, ଚୋଖି, ଭାଗବତ ବାଣୀ ଇତ୍ୟାଦି। ଅବଧାନ ଗୀତରେ ପ୍ରଶ୍ନ କରନ୍ତି, ସୁର ଧରେଇ ଦିଅନ୍ତି ଚାଟମାନଙ୍କୁ। ଚାଟଶାଳୀରେ ବାଳୁତମାନଙ୍କର କୋମଳ କଣ୍ଠର ଲଳିତ ଧ୍ୱନି। ସୁରରୁ ଶ୍ରୁତି, ଶ୍ରୁତିରୁ ଚିତ୍ତ ଓ ଚିତ୍ତରୁ ସ୍ମୃତି। ବିଦ୍ୟା ଏବେ ସୂତ୍ରାୟିତ। ଉଦ୍ଭାସିତ ଚେତନାରେ। ବିସ୍ମୃତିର ସମ୍ଭାବନା

କ୍ଷୀଣ। ଏଥିପାଇଁ ଆମ ଦର୍ଶନ, ବ୍ୟାକରଣ, କୋଷଗ୍ରନ୍ଥ ଏବଂ ଶାସ୍ତ୍ରାଦି ଛନ୍ଦୋବଦ୍ଧ ହୋଇଛି। ଓଡ଼ିଶାର ଗଣିତଜ୍ଞମାନେ ଏହି ଭାରତୀୟ ପରମ୍ପରାର ପ୍ରତିନିଧି। କେବଳ ଏତିକି ନୁହେଁ, ଗୀତଗୁଡ଼ିକ ହୋଇଛି ଅଳଂକାରରେ ଅଭିସିକ୍ତ। ତେଣୁ ଚିତ୍ତ - ପ୍ରସାଦକ। ଭାରତର ଅନ୍ୟ ଭୂମିରେ ମଧ୍ୟ ଏହି ପରମ୍ପରା ଜୀବନ୍ତ। ପଡ଼ୋଶୀ ବଙ୍ଗଭୂମିକୁ ଆମେ ଏହି ଭାବାଦର୍ଶର ଉଦାହରଣ କରିପାରିବା। ବଙ୍ଗ ଭୂମିରେ ଚାଟଶାଳୀଗୁଡ଼ିକରେ ବହୁ ପ୍ରଚଳିତ **ଶୁଭଙ୍କରୀ** ଗ୍ରନ୍ଥ ଛନ୍ଦୋବଦ୍ଧ ରଚନା। ଏହା ଊନବିଂଶ, ଏପରିକି ବିଂଶ ଶତାବ୍ଦୀରେ ମଧ୍ୟ ଗ୍ରାମ୍ୟଜୀବନକୁ ଆସକ୍ତ କରି ରଖିଛି।[୧୮]

ଗଣିତଗୁଡ଼ିକରେ ପ୍ରଶ୍ନ ସିନା ଗୀତରେ, ଉତ୍ତର କିନ୍ତୁ ଗଦ୍ୟରେ। ଆଉ କେତେକ ପୋଥିରେ ଗଦ୍ୟ ଅବଶ୍ୟ ଅନୁପସ୍ଥିତ, ମାତ୍ର ବ୍ୟାଖ୍ୟା ଗଦ୍ୟପ୍ରଧାନ। ଏପରି ହେବାର କାରଣ ମଧ୍ୟ ରହିଛି। ଗଦ୍ୟ ବିଚାର / ଦର୍ଶନକୁ ବିସ୍ତୃତି ଦିଏ, ବ୍ୟାଖ୍ୟାତ୍ମକ କରାଏ। ଆମ ଚିନ୍ତନ ଯାତ୍ରାକୁ ଦ୍ରୁତରୁ ମଧ୍ୟ ଓ ବିଳମ୍ବିତ, ଦୁର୍ବୋଧ୍ୟରୁ ବୋଧ କରାଏ; ସମସ୍ୟା ଗ୍ରନ୍ଥିର କ୍ରମ ବିରେଚନରେ ସହାୟକ ହୁଏ। ଏହି ବ୍ୟାଖ୍ୟାତ୍ମକତାକୁ ଆମେ ଟୀକା କହିପାରିବା। ଗଣିତର ଏହି ଗଦ୍ୟ, ଓଡ଼ିଆ ଭାଷାର ମଧ୍ୟକାଳୀନ ଗଦ୍ୟରୀତିର ଉଦାହରଣ। ଯଥା:

ଅଂକମନାସ ସୂତ୍ର

ମନାସିବା ରାଶିକୁ ତିନିରେ ହରି ଭାଗଶେଷକୁ ସତୁରିରେ ଗୁଣି ରଖ। ପୁଣି ସେହି ରାଶିକୁ ୫ରେ ହରି ଭାଗଶେଷକୁ ୨୧ରେ ଗୁଣି ରଖ। ପୁଣି ମନାସିବା ରାଶିକୁ ହରି ୧୫ରେ ଗୁଣି ରଖ। ବର୍ତ୍ତମାନ ତିନୋଟିଯାକ ଗୁଣଫଳ ମିଶାଅ। ଯଦି ଯୋଗଫଳ ୧୦୫ରୁ ସାନ ହୁଏ, ତେବେ ସେହି ସଂଖ୍ୟାଟି ଭାବିବ। ସଂଖ୍ୟାଠାରୁ ଯଦି ବଡ଼ ହୁଏ, ତେବେ ୧୦୫କୁ ହରିଲେ, ଯେଉଁ ଭାଗଶେଷ ରହିବ, ସେହିଟି ମନାସିବା ରାଶି।

ଯଦି ମନସିବା ରାଶି ୮, ୮÷୩ = ୨.୨, ୨X୭୦ = ୧୪୦ ରଖ, ୮÷୫ = ୧.୩, ୩X୨୧= ୬୩ ରଖ, ୮÷୭ = ୧.୧, ୧X୧୫ = ୧୫ ରଖ, ୧୪୦+୬୩+୧୫ = ୨୧୮, ୨୧୮÷୧୦୫ = ୨.୮ ଜାଣିଲା ମନାସିବା ରାଶିଟି ୮। ମାତ୍ର ରାଶିଟି ୩. ୫. ୭ ଭାଗ ହେବା ରାଶି ଠାରୁ ଯଦି ସାନ ହୁଏ। ତେବେ ଭାଗ ନ କରି ଗୁଣନ ରାଶିମାନଙ୍କରେ ଭିନ୍ନ ଭିନ୍ନ ରାଶିସବୁ ମିଶାଇବ। ତାକୁ ୧୦୫ରେ ହରିବ। ଭାଗଶେଷଟି ମନସିବା ରାଶି। (ଗଣିତ ପୋଥି ନମ୍ବର ୨୨୪)

ଗଣିତରେ ଦର୍ଶନ, ଗୀତ, ସୁର, ରସବୋଧ ଓ ଗଦ୍ୟର କିପରି କଳାତ୍ମକ ସମୀକରଣ ଘଟିଛି, ତତ୍ ସମ୍ପର୍କରେ ଚର୍ଚ୍ଚା କରାଯାଇପାରେ। ବହୁ ଗଣିତର ନାୟକ ରାଧାକୃଷ୍ଣ, ଗୋପାଙ୍ଗନା । ଗୋପରେ ସେମାନଙ୍କର ମଧୁରଲୀଳା। ଏହି ଲୀଳା ବୈଷ୍ଣବଧର୍ମର ରାଗାନୁଗା ବା ପ୍ରେମଭକ୍ତି ଦର୍ଶନର କଥା। ଓଡ଼ିଶାରେ ଏକଦା ବୈଷ୍ଣବଧର୍ମ ସ୍ରୋତ ଯେ ଉଚ୍ଛଳ ଥିଲା, ଗଣିତଶାସ୍ତ୍ର ତାହାର ଉଦାହରଣ। ଅଧର ପଟ୍ଟନାୟକ, ବ୍ରଜ ନାୟକ ଓ କୃଷ୍ଣଙ୍କ ଗଣିତଶାସ୍ତ୍ରଗୁଡ଼ିକ ମୁଖ୍ୟତଃ ବୈଷ୍ଣବଧର୍ମାଶ୍ରୟୀ। ଗୋପୀମାନେ ବୃନ୍ଦାବନରେ ଶ୍ରୀକୃଷ୍ଣପାଇଁ କିପରି ନାନା ଜାତିର ଫୁଲମାଳ ଗୁନ୍ଥୁଛନ୍ତି, କିପରି ରାସମଣ୍ଡପ ତିଆରି କରିଛନ୍ତି, କିପରି ଚୁମ୍ବନ ଦେଇଛନ୍ତି - ଏ ସକଳର ବର୍ଣ୍ଣନା ରହିଛି ଅଂକଶାସ୍ତ୍ରରେ। ବ୍ରଜ ନାୟକ ଆପଣାର ଏକ ଚଉତିଶାରେ ରାଧା-କୃଷ୍ଣ-ଗୋପୀ-ଗୋପାଳଙ୍କ କଥୋପକଥନ ଛଳରେ, ସୂତ୍ର ଆଧାରରେ, ନାନା ଗାଣିତିକ ସମସ୍ୟାର ସମାଧାନ କରିଛନ୍ତି। ରାଧା, ଗୋପୀଙ୍କର କୃଷ୍ଣଙ୍କୁ ଚୁମ୍ବନ ଦାନ ପ୍ରସଂଗ ଏହିପରି -

'ଶ୍ରୀ ବୃନ୍ଦାବନରେ କେତେ ଗୋପୀ ଥିଲେ ନଜାଣି, ପ୍ରଥମ ଗୋପୀ ଶ୍ରୀକୃଷ୍ଣଙ୍କୁ ଚୁମ୍ବନ ଦେଲେ ଗୋଟିଏ, ଦ୍ୱିତୀୟ ଦେଲେ ଦୁଇଗୋଟି, ତୃତୀୟ ଦେଲେ ତିନିଗୋଟି। ଏପରି ଚଢ଼ା କରି ଦିଅନ୍ତେ ଚୁମ୍ବନ ହେଲା ୧୨,୮୦୦,୮୦୦। କେତେ ଗୋପୀ ସଂଖ୍ୟା ହେଲେ ଜାଣିବା।

ଉତ୍ତର: ୧୬,୦୦୦ (ଗଣିତ ପୋଥି ସଂଖ୍ୟା ୧୦୯ / ବ୍ରଜ)

ଏହି ପ୍ରଶ୍ନକୁ ଅନ୍ୟ ଏକ ଧାରାରେ ମଧ୍ୟ ପଚରାଯାଇପାରେ।

ବୃନ୍ଦାବନରେ ଥିଲେ ୧୬,୦୦୦ ଗୋପୀ। ପ୍ରଥମ ଗୋପୀ କୃଷ୍ଣରେ ୧ଟି ଚୁମ୍ବନ ଦେଲେ, ଦ୍ୱିତୀୟ ଅଧିକ କରି ଦେଲେ ଆଠଟି, ଆଠଟି ଅଧିକ କ୍ରମରେ ଷୋଳସହସ୍ର ଗୋପୀ କୃଷ୍ଣକୁ କେତେ ଚୁମ୍ବନ ଦେଲେ?

ପ୍ରଥମ ପ୍ରଶ୍ନକୁ ଓଲଟାଇ ଦେଲେ ଏପରି ହେବ:

ବୃନ୍ଦାବରେ ଶ୍ରୀକୃଷ୍ଣକୁ ୧୨,୮୦୦,୮୦୦ ଚୁମ୍ବନ ଦେଲେ। ଗୋପୀମାନଙ୍କ ସଂଖ୍ୟା ଅଜଣା। ପ୍ରତ୍ୟେକ ଗୋପୀ ଆଠଟି ସଂଖ୍ୟାର ଚଢ଼ା କ୍ରମରେ ଚୁମ୍ବନ ଦେଇଥିଲେ। ଗୋପୀଙ୍କ ସଂଖ୍ୟା କେତେ?

ଏବେ ବ୍ରଜ ନାୟକଙ୍କ ଏକ ଚଉତିଶା ପାଖକୁ ଆସିବା।

ରାଗ: ବିପ୍ରସିଂହାବୃତ୍ତେ

ପ୍ରାଣନାଥ ଅଂକେ ବସି    ପାଂଚନ୍ତି କୁଟିଳକେଶୀ
ମୋର ପ୍ରାୟ ନଥିବେ ଜଣେ

ସୁରସିକ ବୀରବର    କଲେ ମୋତେ କି ଆଦର
କରନ୍ତି ନାହିଁ ମୋତେ ଅନ୍ତର କ୍ଷଣେ ହେଁ

ଅର୍ନ୍ତଯ୍ୟାମୀ, ଜାଣି ବୋଇଲେ ହେ ପ୍ରାଣଧନ
ବସ ମୁଁ କରିବି ବେଶ, ବନରୁ ଆଣଇ ପୁଷ୍ୟ

ଏତେ କହି ଅନ୍ତର୍ଦ୍ଧାନ ହେଲେ ସେ।୧।

ଚାହିଁ ଯେ ଥିଲେ ସୁନ୍ଦରୀ    ଯେଣୁ ନ ଆସିଲେ ହରି
କଲେ ରୋଦନ ସେ ଉଚ୍ଚସ୍ୱରେ

କଲି ମୁଁ କେବଣ ଦୋଷ    କଲ ତ ଏତେ ନିରାଶ
ରହିଲ ଯାଇ କେବଣ ଠାରେ ସେ

ମୋହନ, ଆସ ଆସ ଲୁଚିଅଛ କାହିଁ
ଅତି ଉଚ୍ଚରେ ଟେକିଲ, ଟୋପରେ ପକାଇ ଦେଲ

ଗୋପୀଙ୍କର ସଙ୍ଗ ଛଡ଼ାଇ ହେ।୨।

ଗୋପାଙ୍ଗନାମାନେ କୃଷ୍ଣ    ଲୋଡୁଛନ୍ତି ହୋଇ ଭ୍ରମ
କର୍ଣ୍ଣେ ଶୁଣି କଲେ ତ ରୋଦନ

ମିଳିଲେ ଏଠାରେ ଆସି    ପଚାରନ୍ତି ବେଢ଼ି ବସି
କେଉଁଠାରେ ଅଛନ୍ତି ମୋହନ ଗୋ

ସେ ବୋଇଲେ,    ମୋତେ ଛାଡ଼ି ଏହି ମାର୍ଗେ ଗଲେ
ସଙ୍ଗେ ଘେନି ନୃପସୁତା  ସକଳ ଗୋପ ବନିତା

ଏଠାରୁ ପୁଣ ଗମନ କଲେ ହେ ।୩।

ଏକ ଗୋପୀକା ଗଳାରୁ    ଖସିଲା ହେମମାଳାରୁ
ଦଶ ବାନିକସ ବେନି ମାଢ଼

ବସୁ ବା ନେତ୍ର ମାଢ଼    ମୁନି ବାନେ ବେଦ ମାଢ଼
ଏ ରୂପରେ ଖସିଲା ଗ୍ରହ ମାଢ଼ ସେ

ବାଛି ସବୁ, ଏକଠାବେ ତୋଳିଣ ରଖିଲେ
କହିଲେ ଯେତେ ସୁବର୍ଣ୍ଣ, ଥାଉଟିଲେ କେତେ ଦାନ

ହୋଇଲେ ରାମସୁତ କହିଲେ ସେ ।୪।

ସୂତ୍ର: ଯେଝା ମାଢ଼େ ଯେଝା ଦାନ    ଘନ କରିଣ ବହନ
ତିନିକି ମିଶାଇ ପିଣ୍ଡ କର

ଯେ ବା ଚାରିଶ ଯେତକ    ଖସିଲା ମାଢ଼ ତେତେକ
ମିଶାଇଣ ସବୁ ଠୁଳକର

ସେ ଏହା ଘେନି, ହରି ଯେବେ ରଖିଲା ପିଣ୍ଡକୁ
କୃଷ୍ଣ ପାଦେ ଦେଇ ଚିତ୍ତ, କହୁଅଛି ରାମସୁତ

ଲବ୍ଧକୁ ଜାଣିବ ମୂଳକୁ।

ସ୍ଥାପନା: ଗୋପୀ ଜଣକର ଗଳାରୁ ହେମମାଳା ଖସିଲା। ଦଶ ବାନେକସ ମାଢ଼ ୨ ଆଠ ବାନେକସମାନ ତ ସାତ ବାନେକସ ଚାରି ମାଢ଼ ଏ ରୂପେ ଗାଏ ତିନି ପଳ ନଅ ମାଢ଼। ଏ ସୁନା ଏକଠାରେ ଆଉଟିଲେ କେତେ ବାନେକସ ନାଗିବ ଜାଣିବା।

ଧରାଣ: ଥୋ ଦୁଇ ମାଢ଼ ଗୁଣ ଏହାର ଦଶ ବାନରେ ହୋୟେ ୨୦ଏ। ଏବେ ଥୋ ମାଢ଼ ତ ଗୁଣ ଏହାରଆ ୮୦ ବାନରେ ହୋୟେ ୨୪। ୪ ମାଢ଼ ଗୁଣ। ଏହାର ସାତ ବାନରେ ହୋୟେ ୨୮। ଏବେ ଗାଏ ତିନି ଦରେ ହୋୟେ ୭୨। ଏଥକୁ ପହଁରଣ ଆଣ ଥୋ ୨ ମାଢ଼, ମିଶା ୩ ମାଢ଼, ହୋୟେ ୫, ମିଶା ୪ ମାଢ଼, ହୋୟେ ୯ ମାଢ଼, ଏହାରୁ ଘେନି ସେ ପିଣ୍ଡରୁ ହର, ଲବ୍ଧ ୮ ବାନ, ଜାଣିଲା ୮୦ ବନକସେ ଲାଗିଲା ଆସଇ (ଗଣିତ ପୋଥି ନମ୍ବର ୨୩୭, ପତ୍ର: ୫୦)।

କେବଳ ଶ୍ରୀକୃଷ୍ଣ ନୁହନ୍ତି, ବହୁ ଗଣିତରେ ଶିବ ଓ ଶକ୍ତି ଉପାସନା ପ୍ରସଙ୍ଗ ରହିଛି। ଭକ୍ତମାନେ ଶିବଙ୍କ ମଥାରେ ଚମ୍ପାଫୁଲ ଓ ବେଲପତ୍ର ଚଢ଼ାଉଛନ୍ତି। ବହୁ ଗଣିତରେ ରାମାୟଣ ଓ ମହାଭାରତ ବର୍ଣ୍ଣିତ ଯୁଦ୍ଧର ଦୃଶ୍ୟ ରହିଛି। ଅସ୍ତ୍ର ଆଧାରରେ ସୈନ୍ୟ ସଂଖ୍ୟା କଳନା କରାଯାଇଛି। ଗୋଟିଏ ଗଣିତରେ ଜଣେ ଭକ୍ତ

ଅଭୀଷ୍ଟ ପୂରଣପାଇଁ ଚଣ୍ଡୀଙ୍କୁ ଛେଳି ବଳି ଦେଉଛି । ବର୍ଷକପାଇଁ ତା'ର ମାନସିକ। ଉପର୍ଯ୍ୟୁକ୍ତ ସକଳ ଗଣିତ ଚଢ଼ା - ଉତ୍ତରା ସୂତ୍ର - ଆଧାରିତ।

ଚାଟମାନେ ପୁରାଣ ଶୁଣିଛନ୍ତି, ପୁରାଣର ଚରିତ୍ରମାନଙ୍କୁ ଭେଟୁଛନ୍ତି, ଗାଣିତିକ ସମସ୍ୟାଗୁଡ଼ିକର ସମାଧାନ ମଧ୍ୟ କରୁଛନ୍ତି। ଗଣିତକୁ ଚାଟପ୍ରିୟ କରିବାପାଇଁ ବହୁ ଗଣିତଜ୍ଞ ଚଉତିଶା ଓ କୋଇଲି ଶୈଳୀକୁ ନିଜର କରିଛନ୍ତି।[୧୯] ଚଉତିଶାଗୁଡ଼ିକର ସଂଖ୍ୟା ୫୦ରୁ ଅଧିକ। ପ୍ରାୟ ପ୍ରତ୍ୟେକ ବିଖ୍ୟାତ ଗଣିତଜ୍ଞ ଚଉତିଶା ଲେଖିଛନ୍ତି। ସେଗୁଡ଼ିକ ସେମାନଙ୍କର 'ହସ୍ତବଳା ସଦୃଶ'। ହସ୍ତବଳା, ଅର୍ଥାତ୍, ଗଣିତବିଦ୍ୟା ଓ ଶାସ୍ତ୍ର ରଚନା କାଳରେ, ମନକୁ ଟିକିଏ ଆନନ୍ଦ ଦେବାପାଇଁ କବିମାନେ ଛୋଟ ଛୋଟ, ନିର୍ଦ୍ଦିଷ୍ଟ ଭାବଭିତ୍ତିକ ଏବଂ ସହଜ ଓ ସରଳ ଲେଖାର ଆଶ୍ରୟ ନେଇଥାନ୍ତି। ଦେବୀ ଦାସ, ବିକ୍ରମ, ବଳଭଦ୍ର, ଧରଣୀଧର ଏବଂ ଭଗବାନଙ୍କ ଚଉତିଶାଗୁଡ଼ିକ ଏହି ମାନସିକତାର ପ୍ରତିଲିପି। କେତେକ ଚଉତିଶା ଗଣିତର ନିର୍ଦ୍ଦିଷ୍ଟ ବିଷୟକ ଏବଂ ବହୁ ଚଉତିଶାରେ ବହୁ ପ୍ରକାର ଗଣିତ ରହିଛି। ଜଳ ଚଉତିଶା, ଶୋଧି ଚଉତିଶା (ବିକ୍ରମ), ଓଡ଼ାଙ୍କ ଚଉତିଶା, ଅଙ୍କପୋଛା ଚଉତିଶା, ରକ୍ଷହର ଚଉତିଶା, ଅଧୁଲିଫେଡ଼ା ଚଉତିଶା, ନଳଭଙ୍ଗା ଚଉତିଶା (ଘନଶ୍ୟାମ), କୂଟକ ଚଉତିଶା, ଶିଷ୍ୟ ଉପଦେଶା ଚଉତିଶା (ବଳଭଦ୍ର), କ୍ରୟବିକ୍ରୟ ଚଉତିଶା, ବୃଦ୍ଧି-ବୃଷାଳ ଚଉତିଶା, ଖନ୍ଦା ଚଉତିଶା, କୋଟା ଚଉତିଶା ଆଦି ଏକକ ବିଷୟକ ଏବଂ ହଂସତୋଳା ଚଉତିଶା (ବଳଭଦ୍ର), ଗଣିତ ଚଉତିଶା (ବିକ୍ରମ), ନାୟକଧନ ଚଉତିଶା (ଦେବୀ ଦାସ), ପାଠ ସମୁଦ୍ର ଚଉତିଶା (ଦେବୀ ଦାସ), ଓଝା ସଙ୍ଖାଳି ଚଉତିଶା (ବିକ୍ରମ), ଅଙ୍କନିଧି ଚଉତିଶା, କୁଞ୍ଜବନ ଚଉତିଶା (କୁଞ୍ଜବନ), ଶବ୍ଦ ଚଉତିଶା, ଧରଣୀଧର ଚଉତିଶା (ଧରଣୀଧର), ଚିତ୍ତବୋଧ ଚଉତିଶା, ନାୟକଧନ ଚଉତିଶା, ସିନ୍ଧୁ ସିଂହାର ଚଉତିଶା, ଶିବ ଉପଦେଶ ଚଉତିଶା, ପାଠ ମଙ୍ଗଳ ଚଉତିଶା, ଖଡ଼ି କୌତୁକ ଚଉତିଶା, ରସକେଳି ଚଉତିଶା, ଇଚ୍ଛାବତୀ ଚାଟ ଚଉତିଶା, ଅର୍ଦ୍ଧନିଧି ଚଉତିଶା, ଖଡ଼ିରତ୍ନ ଚଉତିଶା, ଖଡ଼ିବିନୋଦ ଚଉତିଶା ଏବଂ ରାଧାମାଧବ ଲେଖାସୂତ୍ର ବିବିଧ ଗଣିତ ସୂତ୍ର ବିଷୟକ। ପ୍ରାୟ ପ୍ରତ୍ୟେକ ଚଉତିଶା ଗୋଟିଏ ଗୋଟିଏ ରାଗରେ ଲିଖିତ। ବ୍ରଜନାୟକଙ୍କ ଚଉତିଶା ଏକ ଚମ୍ପୁ ଚଉତିଶା। ଗୋଟିଏ ଗୋଟିଏ ଅକ୍ଷରର ଗୀତ ବହୁ ପଦ ବିଶିଷ୍ଟ, ଗୋଟିଏ ରାଗଯୁକ୍ତ ଏବଂ ଗୋଟିଏ ପ୍ରଶ୍ନର ସୂତ୍ର ଓ ବ୍ୟାଖ୍ୟାତ୍ମକ। ଏହାର ନାୟିକା-ନାୟକ ପୁଣି ରାଧା-କୃଷ୍ଣ ଓ ଗୋପାଙ୍ଗନା। (ଗଣିତ ପୋଥି ନମ୍ବର: ୨୩୭) କବିସୂର୍ଯ୍ୟ ବଳଦେବ ରଥଙ୍କ କିଶୋର ଚନ୍ଦ୍ରାନନ୍ଦ ଚମ୍ପୂର ଏହା ସମଗୋତ୍ରୀୟ, ମାତ୍ର ସ୍ୱତନ୍ତ୍ର।[୨୦]

ଚଉତିଶା ବ୍ୟତୀତ ଭାବ ପ୍ରକାଶନରେ ଗଣିତଜ୍ଞମାନେ ଅନ୍ୟ ଲୋକପ୍ରିୟ କାବ୍ୟ-ପ୍ରରୂପକୁ ପ୍ରୟୋଗ କରିଛନ୍ତି। ସେଗୁଡ଼ିକ: **ବୋଲି** (ପଣକିଆ ବୋଲି: ଗ ପୋ ୨୨୨, ଚାଟ ବୋଲି: ରାଜକୁମାର ଗ ପୋ ଓଏଲ୍ ୨୨୧୦), **ଚଉପଦୀ** (ଗଣିତ ଚଉପଦୀ: ଦେବୀ ଦାସ, ଗ ପା ନମ୍ବର ଓଏଲ୍ ୨୨୧୦), **ଚିଟାଉ** (ଶୁକ ଚିଟାଉ ଲେଖ: ଅଧର ପଟ୍ଟନାୟକ, ଗ ପୋ ନମ୍ବର - ୨୧୯) ଏବଂ **କୋଇଲି**, (ଗ ପୋ ନଂ ୨୨୨)। ଶୁକ ଚିଟାଉ ଲେଖାର ବିଷୟ - ଜଣେ ବିରହୀବର ବିଦେଶରେ ଥାଇ ତା ପରାଣବାନ୍ଧବୀ ପାଖକୁ ବିନୟ ପତ୍ରିକାଟିଏ ଲେଖୁଛି। ଶୁଆ ବେକରେ ପତ୍ରିକାଖଣ୍ଡିକ ବାନ୍ଧିଦେଇ କହୁଛି, 'ଯା'ରେ ସୁଜାଣ ପକ୍ଷି, ଚିଠି ଦେବୁ, କହିବୁ ମୋ କଥା।' ଗଣିତରେ ରହିଛି, ପକ୍ଷୀଟି ଏତିକି ବେଗରେ ଉଡ଼ିଲେ, ତା' ଲକ୍ଷ୍ୟସ୍ଥଳରେ ପହଞ୍ଚିବାପାଇଁ କେତେ ଦିନ ସମୟ ଲାଗିବ। ପ୍ରଶ୍ନର ସମାଧାନ କରାଯାଇଛି। ଏହା ଆମ ଦୂତକାବ୍ୟ ପରମ୍ପରାର ଉଦାହରଣ। **କୋଇଲି** ଏକ ସମ୍ବୋଧଗୀତିକା। କୋଇଲିକୁ ସମ୍ବୋଧନ କରି ପ୍ରଶ୍ନ: କୋଇଲି ଲୋ, ଲେଖିଛନ୍ତି ରାଶି ଯେତେ ଯେତେ, ତହିଁରୁ ଓଡ଼ାଙ୍କମାନ ଆସିବ କେମନ୍ତେ, ଲୋ କୋଇଲି।

ଅନ୍ୟ ଏକ ଗଣିତରେ, ଲୋକଗୀତ ଫୁଲ ବଉଳବେଣୀର ପ୍ରୟୋଗ ରହିଛି। ପଚରା ଯାଇଛି-

କହ ପଣିକିଆ ବାଣୀ ଗୋ, ଫୁଲ ବଉଳବେଣୀ
କେଉଁ ଖନ୍ଦା ଅଂକ ତିନି ଧାଡ଼ି ମିଶି, କେତେ ତା' କେମନ୍ତ ଜାଣି ଗୋ
ଫୁଲ ବଉଳବେଣୀ। (ଗଣିତ ପୋଥି ନମ୍ବର ୨୨୨)

**କୋଇଲି, ବୋଲି ଓ ଫୁଲବଉଳବେଣୀ**ର ପ୍ରୟୋଗକାର ହେଉଛନ୍ତି ଧରଣୀଧର।

ପୁଣି ଚାଟମାନଙ୍କୁ ଗଣିତମନସ୍କ କରାଇବାପାଇଁ ଅବଧାନମାନେ ସମ୍ବାଦଶୈଳୀକୁ ମଧ୍ୟ ନିଜର କରିଛନ୍ତି। ପ୍ରଶ୍ନ ପାଇଁ ପଚାରିଲା, ସୂତ୍ର, ସ୍ଥାପନା ଓ ଇଚ୍ଛାବାଣୀ ଏବଂ ଉତ୍ତରପାଇଁ ଧର, ଧରାଣ, ବଖାଣ, ଶବଦ, ଭରାଣ ଓ ଚାଟବାଣୀ ଶବ୍ଦ ପ୍ରୟୋଗ କରାଯାଇଛି। ଦୁଇଟି ଗଣିତ ପୋଥିରେ ସକଳ ପ୍ରଶ୍ନ, ସୂତ୍ର ଓ ସମାଧାନକୁ ଶ୍ୟାମାଚରଣ ଓ ରାଧାଚରଣ ଏବଂ ଗୋଟିକରେ ଲୀଳାବତୀ ଓ କଳାବତୀଙ୍କ ସଂଳାପ ବା କଥୋପକଥନକୁ ଭିତ୍ତି କରାଯାଇଛି। (ଗଣିତପୋଥି ନମ୍ବର: ୨୨୪) କୌଣସି ବିଦ୍ୟାକୁ ସହଜବୋଧ କରିବାପାଇଁ ଯେଉଁ ବ୍ୟାଖ୍ୟାନ ପରମ୍ପରା ଭାରତୀୟ ସାହିତ୍ୟତତ୍ତ୍ୱରେ ଗୁରୁତ୍ୱ ପାଇଛି, ତାହା ସମ୍ବାଦଶୈଳୀ ଏବଂ ଆମ ଗଣିତଜ୍ଞମାନେ ସେହି ଶୈଳୀର ଜଣେ ଜଣେ ସଶ୍ରଦ୍ଧ ଅନୁଗାମୀ।

ଗଣିତ ବହିଗୁଡ଼ିକର ଅନ୍ୟତମ ବିଶେଷତା, ଏଗୁଡ଼ିକୁ ପଢ଼ିଲେ ଲାଗିବ, ସତେ ଯେପରି କଥାର ଘର। ପ୍ରତ୍ୟେକ ପ୍ରଶ୍ନ ଭିତରେ ଗୋଟିଏ କାହାଣୀ ଅଛି। କାହାଣୀ ପୁଣି ଦ୍ୱନ୍ଦ୍ୱାତ୍ମକ ଏବଂ ଦ୍ୱନ୍ଦ୍ୱାତ୍ମକତାର ସମାଧାନ ଅଛି। ସମାଧାନ ପୁଣି ସୂତ୍ରାତ୍ମକ। ଜଣେ ଚାଟ ପ୍ରଥମେ ଗୀତ, ସୁର ମାଧ୍ୟମରେ କଥା ଶୁଣୁଛି, କଥାଜାଲରେ ଛନ୍ଦି ହୋଇ ପଡୁଛି, ମୁକ୍ତି ଖୋଜୁଛି । ମୁକ୍ତିର ଅର୍ଥ, ସମସ୍ୟା ସମାଧାନର ବାଟ। ସମାଧାନର ବାଟ ଖୋଜି ପାଇବା ବ୍ୟକ୍ତିର ସାଧନା ନିର୍ଭର। ମାତ୍ର ବାଟ ଖୋଲା ରହିଛି। ଏ କଥାଗୁଡ଼ିକ, ପୁଣି, କାଳ୍ପନିକ ନୁହେଁ। ବ୍ୟକ୍ତିକ ଓ ସାମାଜିକ ସମସ୍ୟା ଓ ସମସ୍ୟା ସମାଧାନର ବାସ୍ତବ ଛବି।

ପ୍ରାୟ ପ୍ରତ୍ୟେକ ଗଣିତ ବହିରେ ଅଛି କଳନ୍ତରର କଥା।

୧. ବଞ୍ଚିବା ବ୍ୟକ୍ତିପାଇଁ ଏକ ଆହ୍ୱାନ। ସେ ଋଣଗ୍ରସ୍ତ ହେବାପାଇଁ ବାଧ୍ୟ। ଶସ୍ୟ ଓ ବିତ୍ତ ଋଣ କରୁଛି ସାହୁକାର ପାଖରୁ। ସୁଧ ଗଣୁଛି। ସୁଧ ପୁଣି କେତେ ପ୍ରକାରର। ମୂଳର ଏକଗୁଣ, ଦେଢ଼ଗୁଣ, ଦୁଇଗୁଣ, ଚକ୍ରବୃଦ୍ଧି, ଆହୁରି କେତେକେତେ। ଜମି, ମୂଲ୍ୟବାନ ପଦାର୍ଥ ଓ ପଶୁଧନ ବି ବନ୍ଧକ ରଖୁଛି। ଗୁଜା ବା ହାତପତ୍ର ମଧ୍ୟ ଲେଖିଦେଉଛି। କେହି ଅନ୍ୟ ଘରେ ମୂଲ ଲାଗୁଛି, ଋଣ ପରିଶୋଧ ପାଇଁ।

୨. ଆମ ସାଧବମାନେ ଡଙ୍ଗା ଅଥବା ବୋଇତରେ ବଣିଜ କରି ଯାଉଛନ୍ତି। ନଈ ଓ ସମୁଦ୍ରରେ ଜଳଯାନ। ବଣିଜ କରି ଘରକୁ ଫେରୁଛନ୍ତି। ଉପାର୍ଜନ ଶେଷ ହୋଇଯାଉଛି। ଅର୍ଥ ଆଣିବେ କେଉଁଠୁ? ସେମାନେ ବହୁ ପତ୍ନୀକ। ପତ୍ନୀମାନଙ୍କ ଆଶ୍ରିତ ହେଉଛନ୍ତି । ସେମାନଙ୍କ ପାଖରୁ ଋଣ ସୂତ୍ରରେ ଅର୍ଥ ଆଣୁଛନ୍ତି। ଫେରିବା ପରେ ଚୁକ୍ତି ମୁତାବକ ପରିଶୋଧ କରିଦେଉଛନ୍ତି। ଗୋଟିଏ ଗଣିତରେ ପାରାଦୀପ ବନ୍ଦର କଥା ମଧ୍ୟ ରହିଛି।

୩. କେତେକ ଅଙ୍କରେ ସାଧବମାନଙ୍କ ଗଣିକାସକ୍ତ ଜୀବନର କଥା ରହିଛି। ସେମାନେ ଗଣିକାମାନଙ୍କୁ ଚୁକ୍ତି ମୁତାବକ ଅର୍ଥ ସହିତ ପାରିତୋଷିକ ବି ଦେଉଛନ୍ତି।

୪. ବିକ୍ରମଙ୍କର ଏକ ପ୍ରଶ୍ନରେ ଜଣେ ବାପାର ଆନନ୍ଦ ଓ ଅସହାୟତା - ଉଭୟ ପ୍ରକାଶ ପାଇଛି। ବାପା ଝିଅପାଇଁ ଯୋଗ୍ୟ ପାତ୍ର ଖୋଜୁଛନ୍ତି। ଝିଅ ସୁନ୍ଦରୀ ଓ ପାଠୋଈ। ପାତ୍ର ବି ଅନୁରୂପ। ମାତ୍ର ବରପିତା ଓ କନ୍ୟାପିତା - ଉଭୟ ଦରିଦ୍ର। କାଣି କଉଡିଟିଏ ଘରେ ନାହିଁ। ପିମ୍ପୁଡ଼ିଟିଏ ବି ଘର ଭିତରକୁ ଯାଉନି। କନ୍ୟାପିତା ସାହୁକାରଙ୍କ ଦ୍ୱାରସ୍ଥ ହେଉଛନ୍ତି। ଧାନ ଓ ଚାଉଳ କରଜ ମାଗୁଛନ୍ତି। ଯଥା ସମୟରେ ସୁଧମୂଳ ସହ ଫେରେଇ ଦେବେ ବୋଲି କଥା ଦେଉଛନ୍ତି।

୫. ଅନ୍ୟ ଏକ ଗଣିତରେ, ଜଣେ ଶ୍ୱଶୁର ଜ୍ୱାଇଁକୁ ପଚାରୁଛନ୍ତି, ପାଠୁଆ ହୋଇଥିଲେ, ମୋ ପ୍ରଶ୍ନର ଉତ୍ତର ଦେବ । ପାଠ ଯେ ଆମ ଜୀବନ ଓ ସମ୍ମାନ, ସମାଜ ଏହି ବାସ୍ତବତାକୁ ଉପଲବ୍ଧି କରିଛି।

ବହୁ ପୋଥିରେ ବ୍ରାହ୍ମଣ ଭୋଜନ ଓ ବ୍ରାହ୍ମଣକୁ କଉଡ଼ି ଓ ସୁନାଦାନ, ଗଉଡୁଣୀର ଦୁଧ ବିକା ଓ ଚାଷୀର ଧାନବିକା ପ୍ରସଂଗ ରହିଛି।

୬. ବ୍ରାହ୍ମଣମାନେ ଯେପରି ସଦା ଦରିଦ୍ର ଓ ଅନ୍ନଲୋଭୀ। ସାମନ୍ତ ଓ ସାଧାରଣ ମଣିଷମାନଙ୍କ ଦୁଆରରେ ଦାନ ଗ୍ରହଣ କରି ବଞ୍ଚନ୍ତି। ଭିକ ମାଗନ୍ତି।

୭. ଦୁଧରେ ପାଣି ମିଶାଇ ବିକିବା ଗଉଡ଼ମାନଙ୍କ ଜାତିଗତ ଦୁର୍ବଳତା। ଏପରିକି, ଜଣେ ଯେତିକି ପରିମାଣର ଦୁଧ ବିକେ, ମୂଳ ଦୁଧରେ ସେତିକି ପରିମାଣର ପାଣି ମିଶାଏ। ଶେଷକୁ ଯାହା ରୁହେ, ତାହା ମୂଳ ସହ ସମାନ।

୮. ଚାଷୀମାନେ ଧାନରେ ଅଗାଡ଼ି ମିଶାଇ ଖାମିଦମାନଙ୍କୁ ଦିଅନ୍ତି। ଏମିତି କି, କଳନ୍ତରରେ ଆଣିଥିବା ଶସ୍ୟାଦି ମଧ୍ୟ। ସାହୁକାରମାନେ ମଧ୍ୟ କମ୍ ଚତୁର ନୁହନ୍ତି। ନିର୍ଦ୍ଦିଷ୍ଟ ପରିମାଣର ଶସ୍ୟ ଆଧାରରେ ତାହାର ଗୁଣ ନିରୂପଣ କରନ୍ତି। ତଦ୍‌ଅନୁସାରେ ପ୍ରାପ୍ୟ ଦିଅନ୍ତି।

୯. କେତେକ ଗଣିତରେ ମୂଲିଆମାନଙ୍କ ଅସହାୟତାର ଚିତ୍ର ମଧ୍ୟ ରହିଛି। ଆମ ଗଣିତଜ୍ଞମାନେ ସୁରସିକ।

୧୦. ବହୁ ଗଣିତରେ ନାରୀ ପୁରୁଷଙ୍କ ଯୌନ ଜୀବନର ଚିତ୍ର ରହିଛି। ଦୁଇଗୋଟି ଚିତ୍ତଚିଆଁ ପ୍ରଶ୍ନ: ସୁରତି କାଳରେ ନାରୀ ପୁରୁଷର ପରସ୍ପରକୁ ଚୁମ୍ବନ ଦାନ ଓ ସୁରତି କାଳରେ ନାରୀର ଗଳାରୁ ମାଳ ଛିଡ଼ିବା । ଚଢ଼ା-ଉତ୍ତର ଗାଣିତିକ ସୂତ୍ର ମାଧ୍ୟମରେ ଏହି ଦୁଇ ପ୍ରଶ୍ନର ସମାଧାନ କରାଯାଇଛି। ରତିକ୍ରୀଡ଼ା କାଳରେ କଣ୍ଠରୁ ହାର ଛିଡ଼ିବାକୁ ବାଧ୍ୟ। ହାରରେ କେତେ କଣ୍ଠି ଆମେ ଜାଣିନୁ। ତାହା ବିଭିନ୍ନ ସ୍ଥାନରେ - ବିଛଣା ଉପର ଓ ତଳ, ଖଟ ତଳ ଓ କାନି ଭିତରେ ଲୁଚି ଯାଉଛି। ଆମକୁ ସଂକେତଟିଏ ଧରେଇଦେଇ କୁହାଯାଉଛି, ହାରର କଣ୍ଠିସଂଖ୍ୟା ନିରୂପଣ କର।

୧୧. ଷୋଳସହସ୍ର ଗୋପୀକାଙ୍କର କୃଷ୍ଣଙ୍କୁ ଚୁମ୍ବନ ଦେବା ଓ ଗଳାରେ ଫୁଲ ହାର ପିନ୍ଧାଇବା ପ୍ରଶ୍ନ ଏତେ କୌତୁକପ୍ରଦ ଯେ, ଲାଗିବ କୋଟିସଂଖ୍ୟକ ଚୁମ୍ବନ ଓ ଫୁଲହାରର ତାପକୁ ଶ୍ରୀକୃଷ୍ଣଙ୍କ ବ୍ୟତୀତ ଜଗତର କୌଣସି ପୁରୁଷ ଭୋଗ କରିପାରିବ ନାହିଁ।

୧୨. ଶ୍ରୀକୃଷ୍ଣଙ୍କ ପରି ଶିବ ଓ ଶକ୍ତି ଉପାସନାକୈନ୍ଦ୍ରିକ ବହୁ ପ୍ରଶ୍ନ ଗଣିତ ଗ୍ରନ୍ଥଗୁଡ଼ିକର ସମ୍ପଦ। ଏଗୁଡ଼ିକୁ ପଢ଼ିଲେ ଓଡ଼ିଶାରେ ବୈଷ୍ଣବ, ଶୈବ ଓ ଶାକ୍ତ ଚେତନାର ସହଯାତ୍ରାର ଚିତ୍ର ସ୍ପଷ୍ଟ ହୋଇଯାଏ।

ଗଣିତ ଏକ ଜଟିଳ ବିଦ୍ୟା, ତେଣୁ ଆତଙ୍କ - ପିଲାମାନଙ୍କ ମଧ୍ୟରେ ଏପରି ଏକ ଧାରଣା ତିଆରି କରାଯାଇଛି। ଏହି ବଦ୍ଧମୂଳତାକୁ ଭାଙ୍ଗିବାପାଇଁ ଗଣିତଜ୍ଞମାନେ ସଶ୍ରଦ୍ଧ ପ୍ରୟାସ କରିଛନ୍ତି। ସତ୍ୟ ଜାଣିବାପାଇଁ ସେମାନଙ୍କ ମଧ୍ୟରେ କୌତୂହଳ। ପ୍ରଶ୍ନମାନ ସୃଷ୍ଟି କରିଛନ୍ତି। ଯେପରି,୧. ପାଣିଭର୍ତ୍ତି ପୋଖରୀ, ପଦ୍ମକଢ଼ଟିଏ ପଙ୍କରୁ ଉପରକୁ ଉଠୁଛି, ଭିତରେ ବିପଦ। ତାକୁ କଇଁଛ, ସାପ, ମାଛ ଖାଇ ଯାଉଛନ୍ତି। ତଥାପି ପ୍ରିୟତମ ସୂର୍ଯ୍ୟଙ୍କୁ ଦେଖିବା ପାଇଁ ତା'ର ଉପରକୁ ଯାତ୍ରା। କେତେ ଦିନରେ ସେ ଫୁଟିବା।୨ ହାତୀକୁ ସିଂହ ଖାଇବାକୁ ଗୋଡ଼ାଉଛି। ଉଭୟ ପରସ୍ପରର ଗତିରେ ଧାଉଁଛନ୍ତି। କେତେ ଦିନରେ ସିଂହ ହାତୀକୁ ଧରିବ ଇତ୍ୟାଦି। ପୁଣି ରହିଛି ଅଂକପୋଛା, ଅଂକକୁହୁକ ଓ ଅଂକମନାସା। ନଅଶ ନଉ, ଶୂନ ନେଇଗଲା ଡାକରା କାଉ, ରହିଲା କେତେ ଗଲା କେତେ - କୌତୁକିଆ ପ୍ରଶ୍ନମାନଙ୍କ ମଧ୍ୟରେ ଗୋଟିଏ।

ଶେଷରେ ଗଣିତବିଦ୍ୟା ସମ୍ପର୍କରେ ଅଳ୍ପରେ ଏତିକି କୁହାଯାଇପାରିବ, ବ୍ୟକ୍ତି ଚେତନାରେ ନିୟତ ସୃଷ୍ଟ ସକଳ ପ୍ରଶ୍ନ ଓ ସମାଧାନର ସୂତ୍ର ଏହି ବିଦ୍ୟା। ତେଣୁ ସର୍ଜନଶୀଳତାର ଗୁଣସୂତ୍ର। ଦେବୀ ଦାସଙ୍କ ଶବ୍ଦରେ କହିଲେ - ଏ ବିଦ୍ୟା ଉଡ଼ନ୍ତା ସର୍ପ ପ୍ରାୟ। ନିର୍ମଳ ହୃଦୟ କେବଳ ସେହି ମହାପରାକ୍ରମୀ ସର୍ପ - ବଶୀକରଣରେ ସମର୍ଥ। ଏବଂ, ସର୍ପ-ବଶ-ସମର୍ଥମାନେ ହିଁ ସର୍ଜନଶୀଳ। ଓଡ଼ିଶାରେ ଉପଲବ୍ଧ ଗଣିତଶାସ୍ତ୍ରଗୁଡ଼ିକରେ ଏହି ଗହନ କଥା ହିଁ ରହିଛି।

ପ୍ରାନ୍ତଟୀକା

୧. ଓଡ଼ିଆ ସାହିତ୍ୟର ଇତିହାସ,ନଟବର ସାମନ୍ତରାୟ, ୧୯୬୪ ପୃଷ୍ଠା ୧୦୨-୧୦୮

୨. କ. ଚତୁର୍ଦ୍ଦଶ ପଞ୍ଚଦଶ ଶତାବ୍ଦୀରେ ଖୋଦିତ ପଞ୍ଚଗୋଟି ଶିଳାଲେଖରେ ଟଙ୍କା ଶବ୍ଦର ଉଲ୍ଲେଖ ରହିଛି, ମାତ୍ର ଏହା ରାଜକୀୟ ବିନିମୟ ମୁଦ୍ରା ଭବରେ ବ୍ୟବହୃତ ହେଉଥିଲା ଦେଖ K.B. Tripathy: Evolution of Language and Script, 1962, pp.261, 311, 312, 321 And Subrat Kumar Achary: Prachin Odia Abhilekha, 2024, pp.43

ଖ. କଉଡ଼ି (Cypracea moneta) ଅତୀତରେ ଏସିଆ ଓ ଆଫ୍ରିକାର ବହୁ ଭୂମିରେ ପଦାର୍ଥ କିଣାବିକାର ମାଧ୍ୟମ, ମୁଦ୍ରା ଥିଲା ଏବଂ ଉନବିଂଶ ଶତାବ୍ଦୀର ପ୍ରଥମ କେତୋଟି ଦଶକରେ ବଙ୍ଗ, ଓଡ଼ିଶା ଓ ଆସାମରେ ଏହାର ପ୍ରଚଳନ ମଧ୍ୟ ରହିଛି। ରୂପା, ତମ୍ବା ଓ କଉଡ଼ି ମଧ୍ୟରେ ରହିଥିବା ସମ୍ପର୍କକୁ କନିଂହାମ୍ ଓ ହବ୍ସନ୍ ଜବ୍ସନ୍ 'ପ୍ରାଚୀନ ଭାରତର ମୁଦ୍ରା ବ୍ୟବସ୍ଥା ଶୀର୍ଷକ ଆଲୋଚନାରେ ସ୍ପଷ୍ଟ କରିଛନ୍ତି। ସେମାନଙ୍କ ଆଲୋଚନାକୁ ଆଧାର କରି, ପୂର୍ବ ଭାରତରେ କଉଡ଼ି ମୁଦ୍ରାର ପ୍ରଚଳନ ସମ୍ପର୍କରେ ସୁଶୀଲ କୁମାର ଦେଓଙ୍କ ମନ୍ତବ୍ୟ - The earliest historical reference to it is containd in the coper plate grants of Subhankara (second) of the Bhauma dyanastiy of Orissa" । ଇଂରେଜ ସରକାରଙ୍କ ଶାସନ କାଳରେ ତମ୍ବା ମୁଦ୍ରା ପ୍ରଚଳନ ହୋଇଛି। ମାତ୍ର କଉଡ଼ି - ଅଭ୍ୟସ୍ତ ଓଡ଼ିଆମାନେ ଏହାକୁ ଗ୍ରହଣ କରିପାରି ନାହାନ୍ତି। ପ୍ରତିବାଦ କରିଛନ୍ତି। ଓଡ଼ିଶାରେ ୧୮୧୭/୧୮ ମସିହାରେ ସଂଗଠିତ ପାଇକ ବିଦ୍ରୋହର ଅନ୍ୟତମ କାରଣ ହେଉଛି 'କଉଡ଼ି'।

The coper coins were not at all suited to the need of majerity of the people. Both from pratical and sentimental points of view, the

superession of the Cowris by coper coins with such haste was most undiseriable, the best course would have been to introduce copper coins gradually along with the cowries an supersede the cowries after the people had benn accustomed to the new coin.

De Sushil K., *Cowry Currency in India and Cowry Currency in Orissa,* in, The Orissa Historical Research Journal, vol-1 and 2, July 1952, pp.1-10,10-21.

୩. Subhankari,Santanu Chacraverti 2007 pp 58-59

୪. ଓଡ଼ିଶାର ରାଜନୀତିକ ଇତିହାସ ଗଢ଼ଣରେ ଧର୍ମ ଓ ସ୍ଥାପତ୍ୟକୁ ଐତିହାସିକମାନେ ଗୁରୁତ୍ୱ ଦେଇଛନ୍ତି। ଏହି ସଂକ୍ରାନ୍ତରେ ଦୁଇଟି ଗୁରୁତ୍ୱପୂର୍ଣ୍ଣ ଗ୍ରନ୍ଥ କେଦାରନାଥ ମହାପାତ୍ରଙ୍କ ତୋଷାଳିରେ ଇତିହାସ: ୧୯୭୫ ଏବଂ ଦେବଳାମିତ୍ରଙ୍କ ଖଣ୍ଡଗିରି ଓ ଉଦୟଗିରି: ୧୯୬୦। ସ୍ତୂପ, ପ୍ରତିମା, ଗୁମ୍ଫା ଓ ପ୍ରାସାଦ ଗଠନରେ ଶିଳ୍ପୀମାନଙ୍କ ଗଣିତବୋଧର ଗୁରୁତ୍ୱ ସୁସ୍ପଷ୍ଟ।

୫. କଳିଙ୍ଗର ଦକ୍ଷିଣପୂର୍ବ ଏସିଆ ଭୂଖଣ୍ଡ ସହିତ ସମ୍ପର୍କ କେତେ ନିବିଡ଼ ଥିଲା ଏ ସମ୍ପର୍କରେ ବିଖ୍ୟାତ ଚର୍ଚ୍ଚାକାରମାନଙ୍କ ମଧ୍ୟରେ ଆର୍.ସି.ମଜୁଦାରଙ୍କ ସୁବର୍ଣ୍ଣଦୀପ (୧୯୩୭) ଦ୍ୱିତୀୟ ଖଣ୍ଡ, ପୃଷ୍ଠା- ୨୭୨। ଓ ହିମାଂଶୁ ଭୂଷଣ ସରକାରଙ୍କ ଗ୍ଲିମ୍ପ୍ସେସ୍ ଅଫ୍ ଇଣ୍ଡିଆ - ଇଣ୍ଡୋନେସିଆ କଲ୍ଚର.ସଂ ବୁଚାନ୍ କୁମାର, ନୂଆଦିଲ୍ଲୀ, ୨୦୦୧ ପୃଷ୍ଠା ୨୯, ୩୮, ୩୯, ୪୦।

୬. ମନ୍ଦିର କଳା ସମ୍ପର୍କରେ ଏକ ବହୁ ଚର୍ଚ୍ଚିତ ଗ୍ରନ୍ଥ ରାଜେନ୍ଦ୍ର ଲାଲ ମିତ୍ରଙ୍କର ଆଣ୍ଟିକ୍ୱିଟିଜ୍ ଅଫ୍ ଓଡ଼ିଶା ଦୁଇ ଭାଗରେ ପ୍ରକାଶିତ ଏହି ଗ୍ରନ୍ଥରେ ମନ୍ଦିରଗଢ଼ଣ କଳା ଓ ମୂର୍ତ୍ତି ଗଢ଼ଣ କଳା ସମ୍ପର୍କରେ ବିଶଦ ଚର୍ଚ୍ଚା କରାଯାଇଛି। ଓଡ଼ିଶାର ମନ୍ଦିରଗଢ଼ଣ ଠାରୁ ଅନ୍ୟ ଭୂମିର ମନ୍ଦିର କେତେ ସ୍ୱତନ୍ତ୍ର, ଏହି ଗ୍ରନ୍ଥରେ ତାହା ପ୍ରତିଷ୍ଠା କରାଯାଇଛି। ପ୍ରକାଶକାଳ ୧୮୭୪, ୧୮୮୦।

୭. ଶିଳ୍ପପ୍ରକାଶ, ରାମଚନ୍ଦ୍ରଙ୍କ ଶିଳ୍ପବିଦ୍ୟା ସମ୍ପର୍କିତ ଏକ ପ୍ରମାଣିକ ରଚନା। ଏଥିରେ ମନ୍ଦିର ଗଢ଼ଣ ତତ୍ତ୍ୱର ବିଶଷ ଚର୍ଚ୍ଚା ରହିଛି। ସଂ. ଆଲିସ୍ ବର୍ଣ୍ଣର, ସଦାଶିବ ରଥ ଶର୍ମା।

୮. ସାରୋଳଦାସ ପଞ୍ଚଦଶ ଶତାବ୍ଦୀର କବି। **ମହାଭାରତ, ରାମାୟଣ ଓ ବିଚିତ୍ରରାମାୟଣ**ର ରଚୟିତା। ପ୍ରତ୍ୟେକ ରଚନାରେ ଜ୍ୟୋତିର୍ବିଦ୍ୟା ଓ ସାଧାରଣ ମଣିଷମାନଙ୍କର ବିଦ୍ୟା ଶିକ୍ଷା ସମ୍ପର୍କରେ ବର୍ଣ୍ଣନା ରହିଛି। ଦ୍ରଷ୍ଟବ୍ୟ: ସ୍ୱର୍ଗାରୋହଣ ବର୍ଗ - ସଂପାଦନା ଆର୍ତ୍ତବଲ୍ଲଭ ମହାନ୍ତି, ପୃଷ୍ଠା- ୧୨, ୨୭।

୯. ବନମାଳି ଦାସ ଷୋଡ଼ଶ / ସପ୍ତଦଶ ଶତାବ୍ଦୀର କବି। ନରସିଂହ ସେଣ ତାଙ୍କ ପରବର୍ତ୍ତୀ କାଳୀନ ପ୍ରତିଭା। ଉଭୟଙ୍କ ରଚନାରେ ଚାଟଶାଳୀର ବର୍ଣ୍ଣନା ରହିଛି।

କ. କରୁଣାକର ନାମେଣ ଏକ ଦ୍ୱିଜବର
ରାଜା ସିଂହଦ୍ୱାରେ ତାଙ୍କ ଚାଟଶାଳୀ ଘର। ୪୧।

ଇଚ୍ଛାବତୀ କୁମାରୀକି ବିଦ୍ୟା ପଢ଼ାବନ୍ତି

ସାହସ୍ର ସଂଗୀତ ବିଦ୍ୟମାନ ବଢ଼ାବନ୍ତି।୪୨।

ବନମାଳୀ ଦାସ, ଚାଟ ଇଛାବତୀ, ପୃଷ୍ଠା -୫/୬

ଖ. ବଙ୍ଗର ମେଦିନୀପୁରର ଦାନ୍ତୁନ ନିକଟରେ ମୁଘଲବାରି ନାମକ ସ୍ଥାନ ରହିଛି। ଏହା ବିକ୍ରମଜିତ୍ ରାଜାଙ୍କର ରାଜଧାନୀ । ଗଡ଼ର ଧ୍ୱଂସାବଶେଷ ରହିଛି। ଗଡ଼ ପାଖରେ ଏକ ପାଠଶାଳା ଥିଲା। ଏହା ଶଶିସେଣା ପାଠଶାଳା। ଏ ସମ୍ପର୍କରେ ନଗେନ୍ଦ୍ର ନାଥ ବସୁଙ୍କ ମନ୍ତବ୍ୟ

About two miles to the north of Dantun are laying the extensive ruins of the once famous Mogalwadi - xxx The native point to this place as having been the site of the god which was built by the famous warrior Vikramajit. xxx By the side of the extrance in the Mogalbari from the side of Dantun is a mound, generally called Pathasala of Sasisena.

ବନମାଳି ଦାସ: ଚାଟ ଇଛାବତୀ, ମୁଖବନ୍ଧ, ୧

୧୦. କ. ସଂସାରରେ ବିଦ୍ୟା ଶିକ୍ଷା ଦେବା ନିମିତ୍ତରେ
ବିଦ୍ୟା ଅଧିଷ୍ଠାତ୍ରୀ ସରସ୍ୱତୀ ଆନନ୍ଦରେ।

ନିରାକରଙ୍କୁ ଧ୍ୟାୟିଣ ଆପଣା ରଜକୁ
ମୃତ୍ତିକାରେ ଗଢ଼ି ପିତୁଳାଏ ଗଢ଼ି ତାକୁ।

ଜୀବନ୍ୟାସ ମନ୍ତ୍ର ଦେଲେ ହେଲା ସେ ନନ୍ଦନ
ଉପାଧ୍ୟାୟ ନାମରେ ବିଖ୍ୟାତ ସେହୁ ଜାଣ।

ମାତା ତାଙ୍କ ଆଦିନାରୀ ପିତା ନିରାକାର
ବ୍ରହ୍ମାଙ୍କ ସମାନ ବୁଦ୍ଧି ହେଲା ଏହାଙ୍କର।

ବିଦ୍ୟାବୁଦ୍ଧି ବଳେ ସେହୁ ଜଗତ ମୋହିଲେ
ସଂସାରରେ ଲୋକେ ସେମାନଙ୍କୁ ପୂଜାକଲେ।

ନିରାକାର ଅଂଶେ ଯେଣୁ ତାଙ୍କର ଜନମ
ନ ମାନନ୍ତି କାହାକୁ ସେ ହୋଇ ବୁଦ୍ଧିମାନ।

ଉପାଧ୍ୟାୟ ନାମରେ ବିଖ୍ୟାତ ହୋଇଲେ
ସଂସାରରେ ବିଦ୍ୟାଶିକ୍ଷା ସେହିମାନେ ଦେଲେ।

ବାସୁଦେବ। ୧୯୩୦। ଜାତିପାଟକ ନିର୍ଣ୍ଣୟ, ପୃ-୨୨।

ଖ. ଉପାଧ୍ୟାୟଙ୍କ ଗୋତ୍ର ଆଦିଶକ୍ତି, ପ୍ରତୀକ ଖଡ଼ି। ସେ ସ୍ୱୟଂ ବ୍ରହ୍ମାଙ୍କୁ ମଧ୍ୟ ବିଦ୍ୟା ଦାନ କରିଛନ୍ତି। ତ୍ରିଶକ୍ତିଙ୍କୁ ମୂର୍ଖଦୋଷରୁ ମୁକ୍ତ କରିଛନ୍ତି। ସେ ଛତିଶ ପାଟକଙ୍କ ବିଦ୍ୟାଗୁରୁ।

ହାଡ଼ିବନ୍ଧୁ ଦାସ: **କ୍ଷିତିବଂଶ ପୁରାଣ**, ପୃ-୫୯-୬୨।

୧୧. ହାଡ଼ିବନ୍ଧୁ ଦାସଙ୍କ **କ୍ଷିତିବଂଶ ପୁରାଣ** ଦ୍ରଷ୍ଟବ୍ୟ, ପୃଷ୍ଠା- ୨୨

୧୨. ବ୍ରହ୍ମ ମୁନି ଜ୍ୟୋତିଷମାନଙ୍କ ଅବତାର।
ଶାକଦ୍ୱୀପ ଦ୍ୱିଜ ବୋଲି ଏମାନେ ବିଦିତ

ଗ୍ରହବିପ୍ର ଚନ୍ଦ୍ରିକାରେ ଅଛଇ ଏମନ୍ତ।
ବାସୁଦେବ, ଜାତିପାଟକ ନିର୍ଣ୍ଣୟ: ପୃଷ୍ଠା - ୨୩

୧୩. ବୈଶ୍ୟ, ଔରସ ଓ ଶୂଦ୍ରାଣୀ ଗର୍ଭରୁ କରଣଙ୍କ ଜନ୍ମ।

ବାସୁଦେବ, ଜାତି ପାଟକ ନିର୍ଣ୍ଣୟ: ପୃଷ୍ଠା-୧୪

*Karaṇa*, the offspring of a Vaishya father and Sudra mother. Their original antenstors were brought from north India by Yajati Keshari, the king of Orissa (A.D. 447-526) to meet the demand of writers and clerks. *Karaṇa*, B.Sarakar, in, People of India, 2012, page-828.

History and Politics in the Vernacular: Reflections on Medieval and Early Modern South India, Rao V.N and Sanjaya Subrahmayam, in, History in the Varnnacular, 2010/8, pp-36/43, 58, 65.

୧୪. ମାଦଳା ପାଞ୍ଜି ମୁଖବନ୍ଧ, ସଂପାଦନା, ଆର୍ତ୍ତବଲ୍ଲଭ ମହାନ୍ତି, ପୃଷ୍ଠା: ମୁଖବନ୍ଧ.୧।

୧୫. କ. ଭାସ୍କରାଚାର୍ଯ୍ୟଙ୍କ ସିଦ୍ଧାନ୍ତ ଶିରୋମଣି ଅନ୍ୟତମ ଗଣିତଜ୍ଞ ବ୍ରହ୍ମାଗୁପ୍ତାଙ୍କ ପ୍ରଭାବର ଫଳଶ୍ରୁତି। ଏକଥା ଗ୍ରନ୍ଥକର୍ତ୍ତା ସ୍ୱୀକାର କରିଛନ୍ତି ଏବଂ ତାଙ୍କ ପୂର୍ବସୁରି ହେଉଛନ୍ତି ଆର୍ଯ୍ୟଭଟ୍ଟ, ବରାହମିହିର, ବଟେଶ୍ୱର, ଲଲାଚାର୍ଯ୍ୟ, ଆର୍ଯ୍ୟଭଟ୍ଟ (ଦ୍ୱିତୀୟ), ଶ୍ରୀପତି, ସୂର୍ଯ୍ୟ ସିଦ୍ଧାନ୍ତର ପ୍ରଣେତା ଏବଂ ଭାସ୍କର (ଷଷ୍ଠ ଶତାବ୍ଦୀ)।

ବ୍ୟାଖ୍ୟାରେ ସରଳତା ଓ ସ୍ୱଷ୍ଟତା ଭାସ୍କରଙ୍କର ବୈଶିଷ୍ଟ୍ୟ। ତାଙ୍କ ମାଧ୍ୟମରେ ପୂର୍ବର ଗଣିତଜ୍ଞମାନଙ୍କୁ ବୁଝିବା ସହଜ ହୋଇଥାଏ।

ପଣ୍ଡିତ ସତ୍ୟଦେବ ଶର୍ମା, ସିଦ୍ଧାନ୍ତ ଶିରୋମଣି, ୨୦୧୬, ପୃ- ୧/୪

ଖ. **Sidhyanta Siromani.** Tr. Lancelot Wilkinson, 1861, ଦ୍ରଷ୍ଟବ୍ୟ

୧୬. ନାରାୟଣାନନ୍ଦ ଅବଧୂତ ସ୍ୱାମୀଙ୍କ ରୁଦ୍ରସୁଧାନିଧି ଏକ ପ୍ରାଚୀନ ଗଦ୍ୟଗ୍ରନ୍ଥ। ରଚନାକାଳ ସମ୍ଭବତଃ ୧୬ଶ ଶତାବ୍ଦୀ। କାବ୍ୟନାୟକ ରୁଦ୍ରସୁଧାନିଧି କେଉଁ କେଉଁ ଗ୍ରନ୍ଥ ପଢ଼ିଛନ୍ତି, ଏଥିରେ ତାହାର ବର୍ଣ୍ଣନା ରହିଛି। ସେଗୁଡ଼ିକ ମଧ୍ୟରେ ଜ୍ୟୋତିଷ ଅନ୍ୟତମ।

୧୭. ଲୀଳାବତୀ: ଦ୍ରଷ୍ଟବ୍ୟ ମୁଖବନ୍ଧ

୧୮. The latter consisted of essentially verses of two kinds - first, those which once memorised and understood facilitated computation when working with indigenous units of measure and currency, and second, verses that posed simple mathematical problems. However, the Subhankari manuscripts, although they consisted primarily of such verses, oftgen contained some other items such as multiplication tables, which we shall examine in due course. Even when the school system took over under the British rule, Subhankari continued in the arithmetic teaching of the primary classes, and this persisted even after independence, until the decimal system rendered the system superfluous. The reason for its continued existence in the post Pathsala phase was that on the one hand the traditional units of currency and measure continued and therefore Subhankari remained relevant in some respects, and on the other, the verses posing arithmetical problems had a riddle like charm that were supposed to constitute a suitable medium for the instruction of children. Subhankari, Santanu Chacraverti, 2007 page 2

୧୯. କ. କୋଇଲି: ଏହା ସମ୍ବୋଧଗୀତିକା। ସଂସ୍କୃତ ସାହିତ୍ୟରେ ଦୂତକାବ୍ୟ / ଖଣ୍ଡକାବ୍ୟ ଗୋତ୍ରର। ଏହି ରଚନାର ବିଶେଷତା, ଜଣେ ଜଣେ ନିଜ ମନ କଥାକୁ କୌଣସି ପକ୍ଷୀ ଅଥବା ପ୍ରକୃତିର ଉପାଦାନ ମାଧ୍ୟମରେ ଅନ୍ୟ ପାଖରେ ପହଞ୍ଚାଇ ଥାଏ।

ଖ. ଚଉତିଶା: ୩୪ ଗୋଟି ବ୍ୟଞ୍ଜନ ବର୍ଣ୍ଣକୁ କବିତାର ପଦର ପ୍ରଥମ ଅକ୍ଷର ରୂପରେ ବ୍ୟବହାର କରାଯାଏ। ଏହା ୩୪ ପଦ ସଂଖ୍ୟକ ଅଥବା ୩୪ ସଂଖ୍ୟକ ଗୀତର ସମାହାର ମଧ୍ୟ ହୋଇପାରେ। ଓଡ଼ିଶାରେ ଏହା ଅତ୍ୟନ୍ତ ଲୋକପ୍ରିୟ କାବ୍ୟଶୈଳୀ। ଚଉତିଶାର ସଂଖ୍ୟା ପ୍ରାୟ ପାଞ୍ଚଶହରୁ ଅଧିକ। ଦ୍ରଷ୍ଟବ୍ୟ: ରେଖା ଓ ରଂଗରେ ଚଉତିଶା। ସଂପାଦନା: ସୁଦର୍ଶନ ଆଚାର୍ଯ୍ୟ, ଭାଗ୍ୟଲିପି ମଲ୍ଲ ଓ ଗୌରାଙ୍ଗ ଦାସ। ୨୦୦୮ କ ଦ୍ରଷ୍ଟବ୍ୟ: ପରିଶିଷ୍ଟ।

୨୦. ବଳଦେବ ରଥଙ୍କର ଏକ ବିଶେଷ ରଚନା ହେଉଛି କିଶୋର ଚନ୍ଦ୍ରାନନ୍ଦ ଚମ୍ପୁ। ରାଧାକୃଷ୍ଣ ପ୍ରେମଲୀଳା ଏହାର ବିଷୟ । ଏହା ୩୪ ସଂଖ୍ୟକ ସ୍ୱତନ୍ତ୍ର ଗୀତର ସମାହାର।

## ସହାୟକ ଗ୍ରନ୍ଥସୂଚୀ

ଅବଧୂତସ୍ୱାମୀ, ନାରାୟଣନନ୍ଦ। । **ରୁଦ୍ରସୁଧାନିଧି** (ସଂ), କୃଷ୍ଣଚରଣ ସାହୁ, କଟକ, ଫ୍ରେଣ୍ଡର୍ସ ପବ୍ଲିସର୍ସ।

ଆଚାର୍ଯ୍ୟ, ସୁବ୍ରତ । ୨୦୨୪ । **ପ୍ରାଚୀନ ଓଡ଼ିଆ ଅଭିଲେଖ,** ଭୁବନେଶ୍ୱର, ଶିକ୍ଷା ଓ ଅନୁସନ୍ଧାନ ବିଶ୍ୱବିଦ୍ୟାଳୟ ।

ଆଚାର୍ଯ୍ୟ, ସୁଦର୍ଶନ, ଭାଗ୍ୟଲିପି ମଲ୍ଲ ଓ ଗୌରାଙ୍ଗ ଚରଣ ଦାଶ (ସଂ)। ୨୦୦୮। **ରେଖା ଓ ରଙ୍ଗରେ ଚଉତିଶା**, ଭୁବନେଶ୍ୱର, ଓଡ଼ିଶା ରାଜ୍ୟ ସଂଗ୍ରହାଳୟ।

ଦାସ, ବନମାଳୀ। ୧୯୬୦। **ଚାଟ ଇଚ୍ଛାବତୀ।** ସଂ.କେଦାରନାଥ ମହାପାତ୍ର, ଭୁବନେଶ୍ୱର, ରାଜ୍ୟ ସଂଗ୍ରହାଳୟ।

ଦାସ, ସାରଳା। ୧୯୬୬। **ମହାଭାରତ** (ସଂ), ଆର୍ତ୍ତବଲ୍ଲଭ ମହାନ୍ତି, ଭୁବନେଶ୍ୱର, ଓଡ଼ିଶା ରାଜ୍ୟ ସଂସ୍କୃତି ବିଭାଗ।

ଦାସ, ହାଡ଼ିବନ୍ଧୁ।?। **କ୍ଷିତିବଂଶ ପୁରାଣ**, କଟକ, ନିଖିଳ ଉତ୍କଳ କ୍ଷିତିବଂଶ ଶିକ୍ଷା ସମିତି।

ବାସୁଦେବ। ୧୯୩୦। **ଜାତିପାଟକ ନିର୍ଣ୍ଣୟ**, କଟକ, ମନମୋହନ ପ୍ରେସ୍

ମହାନ୍ତି, ଆର୍ତ୍ତବଲ୍ଲଭ (ସଂ)। ୧୯୬୯। **ମାଦଳା ପାଞ୍ଜି** । ଭୁବନେଶ୍ୱର, ଉତ୍କଳ ବିଶ୍ୱବିଦ୍ୟାଳୟ।

ମହାପାତ୍ର, କେଦାରନାଥ। ୧୯୭୫। **ତୋଷାଳି ଇତିହାସ।** କଟକ, ଗ୍ରନ୍ଥମନ୍ଦିର।

ଶର୍ମା, ସତ୍ୟଦେବ। ୨୦୧୬। **ସିଦ୍ଧାନ୍ତ ଶିରୋମଣି** । ବନାରସ, ମୋତିଲାଲ ବନାରସିଦାସ।

ସାମନ୍ତରାୟ, ନଟବର। ୧୯୬୪। **ଓଡ଼ିଆ ସାହିତ୍ୟର ଇତିହାସ** (୧୮୦୩-୧୯୨୦)। ଭୁବନେଶ୍ୱର, ସାମନ୍ତରାପୁର)

Chacraverti, Santanu(ed). 2007 *Subhankari*. Kolkata, The Asiatic Society

De, Sushil K. 1952. *Cowries corrency, in, Orissa* Historical Research Journal, vol-1&2 July, Bhubaneswar.

Kuulacara, Ramachandra.1966. *Silpa Prakash* (ed.) Alice Boner and Sadashiba Rathasarma, E.J.Brull-Leiden.

Majumdar, R.C 1937. *Suvarnadwdipa, Ancient Indian Colonies in the Far-east,* Vol-1&2, Dacca.

Mitra, Debala. 1960. *Khandagiri and Udayagiti*, New Delhi, Pablication.

Mitra. Rajendralal. 1874, 1880. *Orissa Antiquities*, Calcutta.

Rao, V.N and Sanjaya Subrahmayam. 2010. *History and Polistics in the Vernacular: Reflections on Medeival and Early Madern South India*, in, History in the Varnacular, ed. Raziuddin Aquil and Partha Chatterjee.

Sarkar, B. 2012. *Karaṇa*, in, *People of India*. ed.K.S.Singh.Kolkata, Anthropological Survey of India.

Sarkar, H.B. 2001. *Glimpses of Indo-Indonecian Culture*. ed. Bachan kumar, New Delhi, INGCA.

Tripathy, K.B. 1962. Evolution of Odia language and script, Bhuabeswar, Utkal University

Wilkinson, Lancelot. 1861. *Sidyanta Siromani* (Tr), Calcutta, The Baptist Misson Press.

ଗୌରାଙ୍ଗ ଚରଣ ଦାସ